ସାପ୍ତାହିକ

# ସ୍ୱୀକାର

Postal Regd. No.: SBP/14/2025-2027

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା

RNI No. 66443/94

Vol.29 | Issue - 1 | 5 - 11 January 2025 | Sambalpur | Pages- 8 | Invitation Price Rs.10

## ନାମ ସହ କାମର ସମତା ଥିଲା ନୃସିଂହ ଗୁରୁଙ୍କ ଆଦର୍ଶ: କୃଷ୍ଣକେଶବ ଷଡ଼ଙ୍ଗୀ



ସମ୍ବଲପୁର: ନାମ ସହ କାମର ସମତା ଥିଲା ନୃସିଂହ ଗୁରୁଙ୍କ ଆଦର୍ଶ। 'ପଶ୍ଚିମ ଓଡିଶାର ଗାନ୍ଧୀ' ଭାବେ ଜଣାଶୁଣା ସ୍ୱର୍ଗତ ଗୁରୁ ଥିଲେ ବହୁ ଆୟାମଯୁକ୍ତ ବ୍ୟକ୍ତିତ୍ୱର ଅଧିକାରୀ। ଜଡତା ଉପରେ ଚେତନାର ଆରୋପ ତଥା ବାଧା ଉପରେ ସିଦ୍ଧିର ବିଜୟ ଥିଲା ତାଙ୍କର ଜୀବନ ଦର୍ଶନ। ଭଗବାନଙ୍କ ନୃସିଂହ ଅବତାର ଯେପରି ସ୍ତମ୍ଭରେ ଚେତନାର ସମ୍ଭବ କରିଥିଲେ ଓ ହିରଣ୍ୟକଶ୍ୟପୁ ବିଦାରଣ ଛଳରେ ସାଂସାରିକ ବାଧାକୁ ସିଦ୍ଧିପଥରୁ ଏଡେଇବାର ବାର୍ତ୍ତା ଦେଇଥିଲେ, ଠିକ୍ ସେହିପରି ସ୍ୱର୍ଗତ ନୃସିଂହ ଗୁରୁ ବିଦେଶୀ ଶାସନ ବିପକ୍ଷରେ ସୁପ୍ତ ଜାତିକୁ ଜାଗରିତ କରିବା ସହ ଦେଶହିତରେ ପ୍ରାଣୋତ୍ସର୍ଗ କରିବାର ଆହ୍ୱାନ ଦେଇଥିଲେ। ତେଣୁ ସେ ନାମତଃ ଓ କର୍ମତଃ ନୃସିଂହ ବୋଲି ବିଶିଷ୍ଟ ବାଗ୍ମୀ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ କହିଛନ୍ତି।

ନୃସିଂହ ଗୁରୁ ସ୍ମୃତି ସମିତିର ସଭାପତି ବ୍ରହ୍ମପୁର ବିଶ୍ୱିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ୪୧ତମ ଶ୍ରାଦ୍ଧସଭାରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଡାକ୍ତର ଷଡଙ୍ଗୀ ଆହୁରି କହିଥିଲେ ଯେ, ଦେଶ ପାଇଁ ସିଂହ ବିକ୍ରମ ଓ ସମାଜ ପାଇଁ ମାନବୀୟ ସମ୍ବେଦନଶୀଳତା ଥିଲା ନୃସିଂହଙ୍କ ଅନନ୍ୟ ପରାକାଷ୍ଠା। ସ୍ୱର୍ଗତ ଗୁରୁଙ୍କ ଭଳି ଜଣେ ମହାପୁରୁଷଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ସକାଶେ ରାଜ୍ୟ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବାକୁ ସେ ପରାମର୍ଶ ଦେଇଥିଲେ।

ଅବଶିଷ୍ଟାଂଶ ୮ମ ପୃଷ୍ଠାରେ



ସତ୍ୟମେବ ଜୟତେ

ନବବର୍ଷ-୨୦୨୫ ଅବସରରେ ଶୁଭେଚ୍ଛା

ନବବର୍ଷ-୨୦୨୫ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି। ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା। ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

ରାଜ୍ୟପାଳ
ଓଡ଼ିଶା





ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆ ବର୍ଷ ୨୦୨୫ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନୂଆ ବର୍ଷ ସମସ୍ତଙ୍କ ଜୀବନରେ ଆନନ୍ଦ, ସୁଖ ଓ ସମୃଦ୍ଧି ଭରି ଦେଉ। ଆସନ୍ତୁ, ନୂଆ ବର୍ଷ ଅବସରରେ ସଂକଳ୍ପ ନେବା – ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ନିଜର ଶ୍ରେଷ୍ଠ ଅବଦାନ ରଖିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କିଶୋର ମହାନ୍ତି ସବୁ ଦିନ ପାଇଁ ଅମର ହୋଇ ରହିବେ: ଧର୍ମେନ୍ଦ୍ର ପ୍ରଧାନ

ଝାରସୁଗୁଡ଼ା: କିଶୋର ଦା' ବହୁତ ଭଲ ମଣିଷ ଥିଲେ । ହସି ହସି ସମସ୍ତଙ୍କ ସହ କଥା ହେଉଥିଲେ । ତାଙ୍କର ରାଗ ସ୍ୱଭାବ ନଥିଲା । ରାଜନୀତିରେ ଆସିବା ପୂର୍ବରୁ ମଧ ଲୋକଙ୍କ ସେବା କରିବା ପାଇଁ ସେ ଆଗଭର ରହୁଥିଲେ । ଏହି ଅନନ୍ୟ ସ୍ୱଭାବ ପାଇଁ କିଶୋର ଦା' ଓଡ଼ିଶା ବିଶେଷ ଭାବରେ ଝାରସୁଗୁଡାର ଜନସାଧାରଣଙ୍କ ହୃଦୟରେ ଚିର ଅମର ହୋଇ ରହିବେ ବୋଲି ଓଡ଼ିଶାର ପୂର୍ବତନ ବାଚସ୍ପତି, ରାଜ୍ୟସଭା ସାଂସଦ, ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଥିଲେ ଯେ, ଝାରସୁଗୁଡ଼ାର ବିକାଶ ଏବଂ ଝାରସୁଗୁଡ଼ା ମାଧମରେ ଓଡ଼ିଶାର ବିକାଶ, କିଶୋର ମହାନ୍ତିଙ୍କ ପରିକଳ୍ପନା ଥିଲା । ସେ ଆଜି ନାହାଁନ୍ତି ସତ କିନ୍ତୁ ଓଡ଼ିଆ ଜନଜୀବନରେ ଲମ୍ବା ସମୟ ପର୍ଯ୍ୟନ୍ତ କିଶୋର ଦା' ସମସ୍ତଙ୍କ ହୃଦୟରେ ଅମର ହୋଇ ରହିବେ । ତାଙ୍କର ଦୁଃର୍ମୂଲ୍ୟ ବିଚାରକୁ ଅଧିକ ଦୀପ୍ତିମାନ କଲେ ହିଁ ତାଙ୍କ ପ୍ରତି ଉଚିତ୍ ଶ୍ରଦ୍ଧାଞ୍ଜଳି ହେବ ।

ବିଧାୟକ ଟଙ୍କଧର ତ୍ରିପାଠୀ,ଶାରଦା ପ୍ରସାଦ ନାୟକ, ପୁର୍ବତନ ବିଧାୟିକା ଅଳକା ମହାନ୍ତି, ମହେନ୍ଦ୍ର ନାଏକ ପ୍ରମୁଖ ମଧ ଭାଷଣ ଦେଇଥିଲେ । ସ୍ମୃତି କମିଟିର ଆବାହକ ମନୋରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ସ୍ୱର୍ଗତ କିଶୋର ମହାନ୍ତି ସ୍ମୃତି ଉଦ୍ଦେଶ୍ୟରେ ଗଠିତ କିଶୋର ମହାନ୍ତି ଫାଉଣ୍ଡେସନର ଲୋଗୋ ତାଙ୍କ ପିତା ଗୋଲକ ମହାନ୍ତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

## ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯତରା ଉଦ୍‌ଘାଟିତ

ସୁନ୍ଦରଗଡ: ସୁନ୍ଦରଗଡ ଜିଲ୍ଲା ସଂସ୍କୃତି ପରିଷଦ, ଓରମାସ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା ଓ ଗୌରବମୟ ଐତିହ୍ୟର ମହାପର୍ବ ଯତରା-୨୦୨୫ ଏବଂ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି । ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ସମ୍ମୁଖ ପଡିଆରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥ୍ୟ ଭାବେ ଉପବାଚସ୍ପତି ଭବାନୀଶଙ୍କର ଭୋଇ, ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ସୁନ୍ଦରଗଡ ପୌରପରିଷଦ ଅଧକ୍ଷା ତନୟା ମିଶ୍ର, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା କଳାକାର ଦଳ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପଲ୍ଲିଶ୍ରୀ ମେଳାରେ ଏସଏଚଜି ଗ୍ରୁପମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାମଗ୍ରୀର ବିକ୍ରି ହେଉଛି । ଏହି ଉତ୍ସବ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି ।

## ନୂଆ ରାଜ୍ୟପାଳଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର: ଓଡ଼ିଶାର ୨୭ ତମ ରାଜ୍ୟପାଳ ଭାବେ ଡକ୍ଟର ହରି ବାବୁ କମ୍ଭମପାଟି ଶପଥ ଗ୍ରହଣ କରିଛନ୍ତି । ରାଜଭବନର ନୂଆ ଅଭିଷେକ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରନ୍ ସିଂହ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକ ଓ ସାଂସଦ ମାନେ ଉପସ୍ଥିତ ଥିଲେ ।

## ବିଶ୍ୱାତ୍ମ ଚେତନା ପରିଷଦର ସାଧାରଣ ଅଧିବେଶନ



ବଲାଙ୍ଗୀର: ବିଶ୍ୱାତ୍ମ ଚେତନା ପରିଷଦର ୪୭ତମ ସାଧାରଣ ବୈଠକ ପରମହଂସ ସ୍ୱାମୀ ଶ୍ରୀସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱାମୀଜୀ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ପ୍ରଦାନ କରିବା ସହ ଆଶୀର୍ବଚନ ଦେଇଥିଲେ । ଏହି ସାଧାରଣ ବୈଠକ କାର୍ଯ୍ୟକ୍ରମରେ କୋଷାଧକ୍ଷ ସ୍ୱାମୀ ସତ୍ୟପ୍ରେମାନନ୍ଦ ସରସ୍ୱତୀ, ସହ-ସମ୍ପାଦକ ଶ୍ରୀ ସନ୍ତୋଷ ମିଶ୍ର, ସଦସ୍ୟ ଭାବରେ ଶ୍ରୀ ଗଙ୍ଗାଧର ନନ୍ଦ, ଶ୍ରୀ ନବୀନ କୁମାର ବେଦବାକ, ନୂତନ ସଭ୍ୟ ଭାବରେ ଶ୍ରୀ ସୁଦାମ ତନସେନା ଏବଂ ଉପଦେଷ୍ଟା ଭାବରେ ଶ୍ରୀ ବିକ୍ରମ ବହିଦାରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି । ବୈଠକରେ ପ୍ରତିବର୍ଷ ଭଳି ୨୦୨୪ ବର୍ଷ ପାଇଁ ବିଶ୍ୱାତ୍ମ ଚେତନା ପରିଷଦ ତରଫରୁ ସ୍ୱତନ୍ତ୍ର ପୁରସ୍କାର ଘୋଷଣା କରାଯାଇଥିଲା । ଏ ବର୍ଷ ବଲାଙ୍ଗୀରର ଆରତୀ ଆଚାର୍ଯ୍ୟଙ୍କୁ ପ୍ରଜ୍ଞାଶକ୍ତି ସମ୍ମାନ -୨୦୨୪, ଖୋର୍ଦ୍ଧା ଜିଲ୍ଲାର କଳା ପଥରର ପ୍ରଭାତ ତ୍ରିପାଠୀଙ୍କୁ ବିଶ୍ୱାତ୍ମ ଚେତନା ସମ୍ମାନ ୨୦୨୪, ବଲାଙ୍ଗୀର ଜିଲ୍ଲା ସାହାଜବାହାଲର ଚନ୍ଦ୍ରକୁମାର ପୁରୋହିତଙ୍କୁ ବିଶିଷ୍ଟ କର୍ମଯୋଗୀ ସମ୍ମାନ -୨୦୨୪, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ର ଆନନ୍ଦ ପ୍ରଧାନଙ୍କୁ ବିଶ୍ୱାତ୍ମ ଚେତନା କର୍ମଯୋଗୀ ସମ୍ମାନ ୨୦୨୪ ଏବଂ ବଲାଙ୍ଗୀରର ସମ୍ବିତ କୁମାରଙ୍କୁ ବିଶ୍ୱାତ୍ମ ଚେତନା ପ୍ରତିଭା ସମ୍ମାନ ଦିଆଯିବାକୁ ଘୋଷଣା କରାଯାଇଥିଲା । ଏ ସମସ୍ତ ପୁରସ୍କାର ଆସନ୍ତା ଗୁରୁ ପୂର୍ଣ୍ଣିମା ଅବସରରେ ଦିଆଯିବ । ଏହି କାର୍ଯ୍ୟକ୍ରମରେ ବିଶ୍ୱାତ୍ମ ଚେତନା ପରିଷଦର ସମସ୍ତ ଆଜୀବନ ସଦସ୍ୟ, ସାଧାରଣ ସଦସ୍ୟ ତଥା ବିଶ୍ୱାତ୍ମ ଚେତନା ପରିବାରର ଅନେକ ସଦସ୍ୟ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିରର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଜୀ ସଂଯୋଜନା କରିଥିଲେ ।

ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ତଥା ବେଦମନ୍ତ୍ର ପାଠ ଓ ମାଲ୍ୟାର୍ପଣ ପରେ ଉପ ସଭାପତି ସ୍ୱାମୀ ନିତ୍ୟମୁକ୍ତାନନ୍ଦ ସରସ୍ୱତୀଙ୍କ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ପରେ ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ଗତ ଅଧିବେଶନର ବିବରଣୀ ପଠନ ତଥା ବିଶ୍ୱାତ୍ମ ଚେତନା ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ବିଶ୍ୱାତ୍ମ ଚେତନା ଟ୍ରଷ୍ଟର ବିଭିନ୍ନ ସାମାଜିକ ତଥା ଆଧାତ୍ମିକ ଗଠନମୂଳକ କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ ।

## ସଡ଼କ ସୁରକ୍ଷା ସପ୍ତାହ ସଚେତନତା ଉଦ୍‌ଘାଟିତ

ଝାରସୁଗୁଡା: ଜିଲ୍ଲା କାର୍ଯ୍ୟାଳୟ ପରିସର ଠାରେ ସଡ଼କ ସୁରକ୍ଷା ସପ୍ତାହ ଜିଲ୍ଲାପାଳ ଆବୋଲି ସୁନୀଲ ନରୱାଣେ ଓ ଆରକ୍ଷୀ ଅଧିକ୍ଷକ ସ୍ମିଥ ପି.ପରମାରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି । ଜିଲ୍ଲା ପରିବହନ ବିଭାଗ ତରଫରୁ ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଡୀ, ଏମ.ଭି ଆଇ ଲୋକନାଥ ମେହେର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା, ଜିଲ୍ଲା ଅଟୋ ଚାଳକ ସଂଘ ସଭାପତି ଚୈତନ୍ୟ ସାହାଣୀଙ୍କ ସହିତ ୫୦ ଜଣ ଅଟୋ ଚାଲକ ଏବଂ ପରିବହନ ବିଭାଗ ର ବହୁ କର୍ମଚାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ସଚେତନତା ରଥକୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ । ଯମ ଏବଂ ଚିତ୍ରଗୁପ୍ତ ଙ୍କ ଅଭିନୟ କରି ଝାରସୁଗୁଡା ସହର ର ବେହେରାମାଲ, ବିଟିଏମ ତଥା ବହୁ ସ୍ଥାନରେ ବାଇକ ଆରୋହୀ, ଅଟୋ ଚାଲକ, କାର ଚାଲକମାନଙ୍କୁ ଫୁଲ, ଚକୋଲେଟ ଦେଇ ହେଲମେଟ ପିନ୍ଧିବା, ମଦ୍ୟପାନ ନ କରି ତଥା ସିଟ ବେଲ୍ଟ ବାନ୍ଧି ସବୁବେଳେ ଗାଡି ଚଳାଇବା ପାଇଁ ସଚେତନତା କରାଯାଇଥିଲା । ସନ୍ଧ୍ୟା ରେ ମଧ୍ୟ ସଦର ଥାନା ଠାରେ ଏହି କାର୍ଯ୍ୟକ୍ରମ ପରିବହନ ବିଭାଗ ଓ ପୋଲିସ ବିଭାଗ ଦ୍ୱାରା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଆତ୍ମାନମ୍ ବିଦ୍ଧିଃ

**ଭା**ରତୀୟ ସଂସ୍କୃତିର ଅନେକ ବିଶିଷ୍ଟତା ମଧରେ କେନ୍ଦ୍ରୀୟ ବିଶେଷତା ହେଉଛି– ଆତ୍ମଜ୍ଞାନ, ଯାହାକୁ ଭାରତୀୟ ଚିନ୍ତନରେ ସର୍ବୋପରି ଗୁରୁତ୍ୱ ଦିଆଯାଇଛି । ବୈଦିକ ଋଷିମାନଙ୍କ ଆଦେଶ ଅନୁସାରେ ଆତ୍ମାନମ୍ ବିଦ୍ଧିଃ ଅର୍ଥାତ୍ ପ୍ରଥମେ ସ୍ୱୟଂକୁ ଜାଣ ।

ବୃହଦାରଣ୍ୟକ ଉପନିଷଦରେ ଋଷି ଯାଜ୍ଞବଲ୍‌କ୍ୟ ଓ ତାଙ୍କ ପତ୍ନୀ ମୈତ୍ରେୟୀଙ୍କ ମଧରେ ସମ୍ବାଦ ଆତ୍ମଜ୍ଞାନର ସର୍ବୋତ୍କୃଷ୍ଟତାର ସୁନ୍ଦର ପ୍ରତିପାଦନ କରିଥାଏ । ଯେତେବେଳେ ଋଷି ଯାଜ୍ଞବଲ୍‌କ୍ୟ ଗୃହସ୍ଥ ଆଶ୍ରମ ଛାଡ଼ି ବାନପ୍ରସ୍ଥ ନେବାର ବିଚାର କଲେ ତ ତାଙ୍କର ଦୁଇ ପତ୍ନୀ ମୈତ୍ରେୟୀ ଓ କାତ୍ୟାୟିନୀଙ୍କ ସମକ୍ଷରେ ନିଜ ସମ୍ପତ୍ତିକୁ ସମାନ ଭାଗରେ ବାଣ୍ଟିବାର ପ୍ରସ୍ତାବ ରଖିଲେ ।

କାତ୍ୟାୟିନୀ ପ୍ରସ୍ତାବକୁ ସ୍ୱୀକାର କରିନେଲେ, କିନ୍ତୁ ଅଧ୍ୟାତ୍ମ ପିପାସୁ ମୈତ୍ରେୟୀ ଜାଣିଥିଲେ ଯେ ଧନସମ୍ପତ୍ତି ଦ୍ୱାରା ଆତ୍ମଜ୍ଞାନକୁ କ୍ରୟ କରାଯାଇ ନ ପାରେ । ମୈତ୍ରେୟୀ ନିଜର ପତିଙ୍କୁ ପଚାରିଲେ – 'ହେ ସ୍ୱାମୀ! ଯଦି ସମସ୍ତ ସଂସାର ଓ ଏହାର ସମ୍ପଦ ମୋତେ ମିଳିଯାଏ, ତାହେଲେ କ'ଣ ମୋତେ ଆତ୍ମତତ୍ତ୍ୱ ପ୍ରାପ୍ତ ହୋଇଯିବ ?

ଋଷି ଯାଜ୍ଞବଲ୍‌କ୍ୟଙ୍କ ଉତ୍ତର ଥିଲା– 'ହେବ ନାହିଁ, ବିଲକୁଲ ପ୍ରାପ୍ତ ହେବ ନାହିଁ । ସମ୍ପଦ ମିଳିଯିବା ପରେ ତୁମର ଜୀବନ ସାଧନ ସମ୍ପନ୍ନ ବ୍ୟକ୍ତିମାନଙ୍କ ଭଳି ଅତିବାହିତ ହେବ, କିନ୍ତୁ ଏହା ଦ୍ୱାରା ମୋକ୍ଷର ପ୍ରାପ୍ତି ହୋଇ ପାରିବ ନାହିଁ ।'' ତାପରେ ମୈତ୍ରେୟୀଙ୍କ ପ୍ରଶ୍ନ ଥିଲା- 'ଯେଉଁ ଧନ ଦ୍ୱାରା ମୁଁ ଅମର ହୋଇ ପାରିବି ନାହିଁ, ତାହାକୁ ପାଇ ମୁଁ କ'ଣ କରିବି (ଯେନାହଂ ନାମୃତା ସ୍ୟାମ୍ କିମହଂ ତେନ କୁର୍ଯ୍ୟାମ) ? ଆପଣ ଯଦି ଅମର ହେବାର ସାଧନ ଜାଣନ୍ତି ତ ଦୟାକରି ମୋତେ ତାହାର ମାର୍ଗଦର୍ଶନ କରାନ୍ତୁ ।''

ଏହା ପରେ ଋଷି ଯାଜ୍ଞବଲ୍‌କ୍ୟ ଅମୃତ ତତ୍ତ୍ୱର ବ୍ୟାଖ୍ୟା କରି କହିଲେ– 'ପତିର କାମନା ପାଇଁ ପତ୍ନୀକୁ ପତି ପ୍ରିୟ ଲାଗେ ନାହିଁ, ବରଂ ଆତ୍ମାର ପ୍ରସନ୍ନତା ପାଇଁ ପତି ପ୍ରିୟ ଲାଗିଥାଏ । ପତ୍ନୀର କାମନା ପାଇଁ ପତିକୁ ପତ୍ନୀ ପ୍ରିୟ ଲାଗେ ନାହିଁ, ବରଂ ଆତ୍ମାର ପ୍ରସନ୍ନତା ପାଇଁ ପତ୍ନୀ ପ୍ରିୟ ଲାଗିଥାଏ । ପୁତ୍ରର କାମନା ପାଇଁ ପୁତ୍ର ପ୍ରିୟ ହୋଇ ନଥାଏ, ବରଂ ଆତ୍ମାର ପ୍ରସନ୍ନତା ପାଇଁ ପୁତ୍ର ପ୍ରିୟ ହୋଇଥାଏ ।''

'ଧନ ପାଇଁ ଧନ ପ୍ରିୟ ଲାଗେ ନାହିଁ, ବରଂ ଆତ୍ମାର ପ୍ରସନ୍ନତା ପାଇଁ ଧନ ପ୍ରିୟ ଲାଗିଥାଏ । ଜ୍ଞାନ ପାଇଁ ଜ୍ଞାନ ପ୍ରିୟ ହୋଇ ନଥାଏ, ବରଂ ଆତ୍ମାର ପ୍ରସନ୍ନତା ପାଇଁ ଜ୍ଞାନ ପ୍ରିୟ ହୋଇଥାଏ । ଶକ୍ତି ପାଇଁ ଶକ୍ତି ପ୍ରିୟ ହୋଇ ନଥାଏ, ବରଂ ଆତ୍ମାର ପ୍ରସନ୍ନତା ପାଇଁ ଶକ୍ତି ପ୍ରିୟ ହୋଇଥାଏ । ଲୋକଙ୍କ ପାଇଁ ଲୋକେ ପ୍ରିୟ ହୋଇ ନଥାନ୍ତି, ବରଂ ଆତ୍ମାର ପ୍ରସନ୍ନତା ପାଇଁ ଲୋକେ ପ୍ରିୟ ହୋଇଥାନ୍ତି । ଦେବତାମାନଙ୍କ ସକାଶେ ଦେବତା ପ୍ରିୟ ହୋଇ ନଥାନ୍ତି, ବରଂ ଆତ୍ମାର ପ୍ରସନ୍ନତା ସକାଶେ ଦେବତା ପ୍ରିୟ ହୋଇଥାନ୍ତି । ପ୍ରାଣୀମାନଙ୍କ ସକାଶେ ପ୍ରାଣୀ ପ୍ରିୟ ହୋଇ ନଥାନ୍ତି, ବରଂ ଆତ୍ମାର ପ୍ରସନ୍ନତା ସକାଶେ ପ୍ରାଣୀ ପ୍ରିୟ ହୋଇଥାନ୍ତି ।

'ଏଣୁ ସମସ୍ତଙ୍କ ପ୍ରସନ୍ନତା ସକାଶେ ସମସ୍ତେ ପ୍ରିୟ ହୋଇ ନଥାନ୍ତି, ବରଂ ଆତ୍ମାର ପ୍ରସନ୍ନତା ପାଇଁ ସମସ୍ତେ ପ୍ରିୟ ହୋଇଥାନ୍ତି । ଯେଉଁ ଆତ୍ମା ପାଇଁ ଏସବୁ ପ୍ରିୟ ହୋଇଥାଏ, ନିଃସନ୍ଦେହ ସେହି ଆତ୍ମା ହିଁ ଦେଖିବା ଓ ଶୁଣିବାର ଯୋଗ୍ୟ, ମନନ କରିବାର ଯୋଗ୍ୟ ଓ ଶେଷରେ ଅନୁଭବ କରିବା ଯୋଗ୍ୟ ହୋଇଥାଏ ।'

"ଏହିପରି ନିଃସନ୍ଦେହ ରୂପେ ଆତ୍ମା ରୂପକ ଅକ୍ଷଦଣ୍ଡର ଚାରିପାଖରେ ମୋର ପତି, ମୋର ପତ୍ନୀ, ମୋର ମାତାପିତା, ମୋର ବନ୍ଧୁ, ମୋର ସମ୍ପତ୍ତି, ମୋର ଧନ ଇତ୍ୟାଦି ମନୁଷ୍ୟର ସଂସାର ଘୁରି ବୁଲୁଥାଏ । ସେସବୁର ଅସ୍ତିତ୍ୱ ଆତ୍ମାର ଆଖପାଖରେ ହିଁ କେନ୍ଦ୍ରିତ ଥାଏ, ଯାହା ବ୍ୟବହାରରେ ମୁଁ ଓ ମୋର ରୂପରେ ପ୍ରକାଶମାନ ହୋଇଥାଏ । ମୋର ଶବ୍ଦ ସମାପ୍ତ ହେବା ମାତ୍ରେ 'ମୁଁ'ର ଚାରିପାଖରେ ଦଣ୍ଡାୟମାନ ବିଶାଳ ଭବନ ଭାଙ୍ଗି ନଷ୍ଟ ଓ ଅଦୃଶ୍ୟ ହୋଇଯାଏ । ।

ଏହିପରି ଉପନିଷଦ୍‌ଗୁଡ଼ିକରେ ନଶ୍ୱର ଅନାମ୍ ତତ୍ତ୍ୱ ପଛରେ ସକ୍ରିୟ ଥିବା ଅନଶ୍ୱର ଆତ୍ମତତ୍ତ୍ୱକୁ ଜାଣିବା, ଚିହ୍ନିବା ଓ ତାହାର ଆଲୋକରେ ଅନାମ୍ ତତ୍ତ୍ୱକୁ ବଶବର୍ତ୍ତୀ କରିବା କଥା କୁହାଯାଇଛି । ଦେହବୋଧ ଓ ସାଂସାରିକ ସ୍ୱାର୍ଥର ବଶୀଭୂତ ହୋଇଥିବା ଆତ୍ମା ହିଁ ନଶ୍ୱର ପ୍ରତି ଆସକ୍ତ ହୋଇ ଏହାର ପାଶରେ ବାନ୍ଧି ହୋଇଯାଏ, ଯେତେବେଳେ କି ଆତ୍ମତତ୍ତ୍ୱର ଅନୁଭୂତି ପ୍ରାପ୍ତ ବ୍ୟକ୍ତି ସାଂସାରିକ ବନ୍ଧନଗୁଡ଼ିକର ଉର୍ଦ୍ଧ୍ୱକୁ ଉଠିଯାଏ । ବେଦରେ ଆତ୍ମତତ୍ତ୍ୱକୁ ସବୁର ସାର ଓ ସବୁର କଷଟି କୁହାଯାଇଛି । ଆତ୍ମକଲ୍ୟାଣର ପଥରେ ହିଁ ବ୍ୟକ୍ତି ଆତ୍ମବୋଧକୁ ପ୍ରାପ୍ତ ହୋଇଥାଏ । ଏହି କଷଟିରେ ଆମେ ନିଜର ସଫଳତା ଓ ଅସଫଳତାଗୁଡ଼ିକୁ ମାପିପାରୁ । ଯେଉଁ ବିଚାର, ଭାବ, କର୍ମ ଓ ଚେଷ୍ଟାଗୁଡ଼ିକ ଆମକୁ ଆତ୍ମାନ ଦିଗରେ ନେଇଯାଏ, ସେଗୁଡ଼ିକ ସାର୍ଥକ, ବରଣ କରିବାର ଯୋଗ୍ୟ, ଗ୍ରହଣ କରିବାର ଯୋଗ୍ୟ ହୋଇଥାଏ ।

(ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ)

# ରାମାୟଣ କଥା : ଆସ୍ଥା ଅଛି ତ ରାସ୍ତା ଅଛି



ଡ଼ଃ ପ୍ରମୋଦ କୁମାର ପଣ୍ଡା

ସମ୍ମୁଖରେ ବିଶାଳ ସମୁଦ୍ର । ମହାକାୟ, ଶହେ ଯୋଜନ ବିସ୍ତୃତ । କୂଳରେ ଉପସ୍ଥିତ ବାନର ସେନା । ସେନାଧକ୍ଷ ବାଳୀ ପୁତ୍ର ବୀର ଅଙ୍ଗଦ । ବାୟୁ ସୂତ ବଜରଙ୍ଗବଳୀ । ଦିବ୍ୟବରପ୍ରାପ୍ତ ନଳ ଓ ନୀଳ । ଜାମ୍ବବନ । ବ୍ରହ୍ମା ଅଂଶାବତାର । ସମସ୍ତଙ୍କ ମନରେ ଗୋଟିଏ ଚିନ୍ତା । ମାତା ସୀତାଙ୍କୁ ଠାବ କରିବାରେ ସେମାନେ ଏପର୍ଯ୍ୟନ୍ତ ଅସମର୍ଥ । ହେଲେବି, ତିଳେ କମି ନ ଥାଏ ମନର ଉତ୍ସାହ ଏବଂ ଉଚ୍ଛାଟ । ଅତୁଟ ଥାଏ ରାମଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ । ଚାଲିଥାଏ ଆଗକୁ ବଢ଼ିବାର ଯୋଜନା । ଜୋରଦାର ପ୍ରସ୍ତୁତି । ଗୁରୁତର ବିଚାର ବିମର୍ଷ ।

ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ତାଙ୍କର ସାକ୍ଷାତ ହୁଏ ପକ୍ଷଚ୍ୟୁତ ଏକ ବିରାଟ ପକ୍ଷୀ ସହିତ । ଅନେକ ଦିନରୁ ଅନାହାର । ସାମନାରେ ଶିକାର ଦେଖି ଭକ୍ଷଣାର୍ଥେ ଆକ୍ରମଣୋଦ୍ୟତ । ବିଚକ୍ଷଣ ହନୁମାନଙ୍କର ଜିଜ୍ଞାସୁ ପ୍ରଶ୍ନରେ ନିଜର ପରିଚୟ ରଖନ୍ତି ସେ । ନାମ ସମ୍ପାତି, ଜଟାୟୁ ଅଗ୍ରଜ । ସାଷ୍ଟାଙ୍ଗ ପ୍ରଣିପାତ କରନ୍ତି ଅଞ୍ଜନୀ ପୁତ୍ର । ଆର୍ଦ୍ର ଗଳାରେ ବଖାଣି ବସନ୍ତି ଜଟାୟୁଙ୍କ ବୀରଗାଥା । ରାବଣ ସହ ତାଙ୍କର ସଂଗ୍ରାମ । ମାତା ସୀତାଙ୍କ ଅପହରଣ ବୃତ୍ତାନ୍ତ । ନାରୀ ସୁରକ୍ଷା ପାଇଁ ତାଙ୍କର ସାହସିକ ତଥା ନିଷ୍କାମ ପଦକ୍ଷେପ । ଅବିସ୍ମରଣୀୟ ବଳିଦାନ । ପ୍ରାଣତ୍ୟାଗ । ବୀରଗତି ପ୍ରାପ୍ତି ।

କନିଷ୍ଠର ମୃତ୍ୟୁ ସମ୍ବାଦ ଅତ୍ୟନ୍ତ ମର୍ମାହତ କରେ ସମ୍ପାତିଙ୍କୁ । ବୟସାଧିକ ଓ ଉଡାଣ ଅସାମର୍ଥ୍ୟ । ହେଲେ ମଧ ସମ୍ପାତିଙ୍କ ଦୃଷ୍ଟି ଥିଲା ଅତୀବ ତୀକ୍ଷ୍ଣ । ସୀତାନ୍ୱେଷଣରେ ଉପସ୍ଥିତ ବାନର ସେନାର ଅନୁରୋଧ କ୍ରମେ ସମୁଦ୍ର ଅପର ପାର୍ଶ୍ୱଦୃଷ୍ଟି ନିକ୍ଷେପ କରନ୍ତି ସମ୍ପାତି । ଦୃଶ୍ୟମାନ ହୁଏ ସ୍ପଷ୍ଟ ଚିତ୍ର । ଠାବ କରନ୍ତି ସତୀ ସୀତାଙ୍କୁ ଲଙ୍କାସ୍ଥିତ ସୁରମ୍ୟ ଅଶୋକ ବାଟିକାରେ । ଅବଗତ କରାନ୍ତି ସମସ୍ତଙ୍କୁ । ଅମାବାସ୍ୟାରେ ଜହ୍ନ ଉଏଁ । ଆଶ୍ୱସ୍ତି ଲଭନ୍ତି ରାମକାର୍ଯ୍ୟାଗ୍ରହୀ କପିଯୁଥ । ପ୍ରଭୁ ରାମଚନ୍ଦ୍ରଙ୍କୁ ଭକ୍ତିପୂର୍ଣ୍ଣ ପ୍ରାର୍ଥନା କରନ୍ତି ନିଃସହାୟ ସମ୍ପାତି । ଆଶୀର୍ବାଦ ଭିକ୍ଷା କରନ୍ତି । ପ୍ରଭୁଙ୍କ କୃପାରୁ ପକ୍ଷ ପ୍ରାପ୍ତି ହୁଏ । ମୁକ୍ତି ଲଭନ୍ତି ପକ୍ଷୀରାଜ ଗରୁଡ଼ ବଂଶଜ ।

କିଛିକ୍ଷଣର ଉଲ୍ଲାସ ପୁନଃ ପରିବର୍ତ୍ତିତ ହୁଏ ଉଦାସରେ । ଶହେ ଯୋଜନ ସମୁଦ୍ର ଲଂଘିବା ଥିଲା ସମସ୍ତଙ୍କ ସକ୍ଷମତା ବାହାରେ । ଜାମ୍ବବାନ କିନ୍ତୁ ଅନବଗତ ନଥିଲେ ହନୁମାନଙ୍କ ସୁପ୍ତ ପରାକ୍ରମ ବିଷୟରେ । ନିଜ ଶକ୍ତି ବିସ୍ମରି ଥିବା ହନୁମାନଙ୍କୁ ତାଙ୍କ ବାଲ୍ୟାବସ୍ଥାର ଘଟଣାକ୍ରମ ସ୍ମରଣ କରେଇବା ବେଳ ଉପସ୍ଥିତ ଜାଣି ଗୋଟି ଗୋଟି କରି ବର୍ଣ୍ଣନା କରିଚାଲନ୍ତି ଜାମ୍ବବାନ । ଆତ୍ମସାକ୍ଷାତକାର ହୁଏ ତାଙ୍କର । ଆବିଷ୍କାର କରନ୍ତି ନିଜେ ନିଜକୁ । ସ୍ୱମୂଲ୍ୟାଙ୍କନ କ୍ଷମତା ଆସେ । ଆକଳନ କରନ୍ତି ନିଜର ଭିତିରି ଶକ୍ତି । ସତସାହସେ ସମୁଦ୍ର ଲଂଘି ସୀତାମାତାଙ୍କୁ ଠାବ କରିବାକୁ ସଜ ହୁଅନ୍ତି । ରାମଦୂତ ଅତୁଳିତ ବଳଧମା ଅଞ୍ଜନୀପୁତ୍ର ପବନସୂତ ନାମାଙ୍କ 'ଜୟ ଶ୍ରୀରାମ 'ଧ୍ୱନିରେ ପ୍ରକମ୍ପିତ ହୁଏ ସମଗ୍ର ବେଳାଭୂମି । ରାମ ନାମ ଭରିଦିଏ ଅପୂର୍ବ ଉନ୍ମାଦନା । ଦିବ୍ୟ ଶିହରଣ । ବିସ୍ତାରିତ କାୟା ଧରନ୍ତି । ପବନ ବେଗରେ ଉଡିଚାଲନ୍ତି କପିଶ ଲଙ୍କାଭିମୁଖେ ।

ସମୁଦ୍ର ଲଂଘିବା ସେତେ ସହଜ ନ ଥିଲା । ବାଟରେ ଅନେକ ଘାତ ପ୍ରତିଘାତ । ଅବରୋଧ । ତିନି ତିନି ରାକ୍ଷସୀଙ୍କ ସାମନା କରିବାକୁ ପଡେ ହନୁମାନଙ୍କୁ । ସୁରସା, ସିଂଘିକା ଏବଂ ଲଙ୍କିନୀ । ଆକାଶ, ଜଳ ଏବଂ ପୃଥିବୀ ତତ୍ତ୍ୱର ଯଥାକ୍ରମେ ପ୍ରତିନିଧିତ୍ୱ କରନ୍ତି ସେମାନେ । ଦକ୍ଷଙ୍କ ବାର କନ୍ୟା । ତନ୍ମଧରୁ ସୁରସା ଜଣେ । କଶ୍ୟପ ପତ୍ନୀ । ହେତି, ପ୍ରହେତି, ମଧୁ, କୈଟଭଙ୍କ ମାତା । ସୁମାଳୀ ନାଗମାତା ସୁରସାର ପୁତ୍ର । ସୁମଳୀର ପୁତ୍ରୀ କେକସୀ । ରାବଣ କେକସୀର ପୁତ୍ର । ସମ୍ଭବତଃ ଏହି କାରଣରୁ ନାଗମାତା ସୁରସା ସମୁଦ୍ରରେ ରହି ରାମ ଭକ୍ତ ହନୁମାନଙ୍କ ପଥରୋଧ କରିଥିଲା । ବାଧା ଉତ୍ପନ୍ନ କରିଥିଲା । ଭିନ୍ନ ଏକ ମାନ୍ୟତାନୁସାରେ ଦେବତା ଓ ଗନ୍ଧର୍ବ ହନୁମାନଙ୍କ ଶକ୍ତି ପରୀକ୍ଷା ପାଇଁ ନାଗମାତା ସୁରସାକୁ ଦାୟିତ୍ୱ ଦେଇଥିଲେ ମଝି ସମୁଦ୍ରରେ ତାଙ୍କ ଗତି ଅବରୋଧ କରିବାକୁ । କିନ୍ତୁ ତାଙ୍କ ଚତୁରତା ଆଗରେ ଫେଲ ମାରିଲା ବିକଟାଳ ରାକ୍ଷସୀର ସବୁ ପ୍ରୟାସ । ତାକୁ ଅନାୟାସେ ବଧ କରି ପ୍ରଭୁ କାର୍ଯ୍ୟରେ ଆଗକୁ ବଢ଼ିଥିଲେ ପବନ ପୁତ୍ର । ଦେବ ଗନ୍ଧର୍ବଙ୍କ ସଂଶୟ ଦୂରୀଭୂତ ହୋଇଥିଲା ।

ଅନ୍ୟେକ ରାକ୍ଷସୀ ସିଂହୀକା । ହନୁମାନଙ୍କ ଶତ୍ରୁ ଭାବେ ଚିତ୍ରିତ ରାମାୟଣରେ । ଦିତି ଗର୍ଭୋତ୍ପନ୍ନ ତିନି ସନ୍ତାନ ମଧରୁ ସିଂହୀକାନ୍ୟତମ । ଦାନ୍ୱ ଶ୍ରେଷ୍ଠ ବିପ୍ରଚିତ୍ତି ପତ୍ନୀ । ବାସସ୍ଥାନ ଲଙ୍କା ନିକଟସ୍ଥ ସମୁଦ୍ର । ଉଡ଼ନ୍ତା ଜୀବଜନ୍ତୁ ଥିଲେ ତାର ଆହାର । ନିତିଦିନିଆ ଭୋଜନ । ସମୁଦ୍ର ଲଂଘିବା ବେଳେ ହନୁମାନଙ୍କୁ ନିଜାହାର କରିବାର ଅପଚେଷ୍ଟା କରିଥିଲା ସେ । ସୂକ୍ଷ୍ମରୂପ ଧରି ତାର ଉଦରସ୍ଥ ହେଲେ ହନୁମାନ । ହେଲେ, ସଂହାର କଲେ ସିଂହୀକାକୁ ବିକଟ ରୂପ ଧରି ।

ଶହେ ଯୋଜନ ସମୁଦ୍ର ଏକକାଳୀନ ଲଂଘିବା ସହଜ ନୁହେଁ । ସମୁଦ୍ର ଗର୍ଭସ୍ଥିତ ମୈନାକ ପର୍ବତ ଜଳୋତ୍ତିସ୍ତ ହେଲେ । କିଛିକ୍ଷଣ ବିଶ୍ରାମ ନେବାକୁ ଅନୁରୋଧ କଲେ ଭଗବାନ ହନୁମାନଙ୍କୁ । ଆରାମ ତାଙ୍କ ପାଇଁ ଥିଲା ହାରାମ । ରାମକାର୍ଯ୍ୟ ତତ୍ପର ହନୁମାନ ପର୍ବତ ଶିଖରରେ ପାଦ ଥାପି ଆଗକୁ ବଢ଼ିଲେ । ମାନ ରକ୍ଷା ହେଲା ତାଙ୍କର । ପର୍ବତ ମୈନାକଙ୍କ ଅନୁଗ୍ରହତା ବାୟୁଦେବଙ୍କ ପ୍ରତି ତାଙ୍କ କୃତଜ୍ଞତାର ସନ୍ଦେଶ ଦିଏ ।

ଲଙ୍କାର ଦ୍ୱାର ରକ୍ଷୀ ରାକ୍ଷସୀ ଲଙ୍କିନୀ । ତାର ବିନାନୁମତିରେ ଲଙ୍କା ପ୍ରବେଶ ନିଷିଦ୍ଧ । ଅସମ୍ଭବ କହିଲେ ଚଳେ । ଆମନା ସାମନା ହୁଏ ତା ସହିତ ହନୁମାନଙ୍କ । ବାଟ ଉଗାଳେ ସିଏ । ଭିତରେ ପ୍ରବେଶାନୁମତି ମିଳେନି । ହନୁମାନଙ୍କ ଅନୁରୋଧୋପେକ୍ଷା କରେ । ବାକ୍ୟଯୁଦ୍ଧରୁ ପ୍ରାରମ୍ଭ । ଶସ୍ତ୍ରଯୁଦ୍ଧରେ ପରିସମାପ୍ତି । ଗଦା ପ୍ରହାରାଘାତ ସହ୍ୟ କରି ନପାରି ପରାଜୟ ସ୍ୱୀକାର କରେ ଲଙ୍କିନୀ । ମୁକ୍ତି ଲଭି ବ୍ରହ୍ମାଲୋକ ଗମନ କରେ । ଶାପମୁକ୍ତ ହୋଇ ପୁଣି ବ୍ରହ୍ମା ନିବାସର ରକ୍ଷକ ଦାୟିତ୍ୱ ସମ୍ଭାଳେ ।

ବିଶାଳ ଲଙ୍କାପୁରୀରେ ସୀତା ଠାବ ହନୁମାନଙ୍କ ପାଇଁ ଥିଲା ଆହ୍ୱାନପୂର୍ଣ୍ଣ । ସୌଭାଗ୍ୟକ୍ରମେ ଭେଟ ହୁଏ ବିଭୀଷଣଙ୍କ ସହିତ । ମାତା ସୀତାଙ୍କ ସଠିକ ଠିକଣା ମିଳେ । ସ୍ୱପ୍ନ ସତ୍ୟ ହୁଏ । ଇଛା ପୂର୍ତ୍ତି ଘଟେ । ସାକ୍ଷାତ ହୁଏ ମାତାଙ୍କ ସହିତ । ମୁଦ୍ରିକାର୍ପଣ, ରାମଗୁଣ ଗାନ, ସନ୍ଦେଶ ଆଦାନ ପ୍ରଦାନ ଉପରାନ୍ତେ ଅଶ୍ରୁଳ ବିଦାୟ ନିଅନ୍ତି ହନୁମାନ । ସନ୍ତକ ସ୍ୱରୂପ ମାଁଙ୍କ ମଥାମଣି ଘେନି ପ୍ରସ୍ଥାନ କରନ୍ତି । ଅଶୋକ ବାଟିକା ଧ୍ୱଂସ କରି ଛାରଖାର କରନ୍ତି । ରାବଣ ପୁତ୍ର ଉଦ୍ଧତ ଅକ୍ଷୟ କୁମାର ବଧ କରନ୍ତି । ଦଶାନନକୁ ଉପଦେଶ ଦିଅନ୍ତି ପ୍ରଭୁ ରାମଚନ୍ଦ୍ରଙ୍କ ଶରଣାଗତ ହେବାକୁ । ମାତାଙ୍କୁ ସସମ୍ମାନେ ଲେଉଟାଇବାକୁ । ହେଲେ, ରାବଣର ଚର୍ମ ଚକ୍ଷୁ ରାମାବତାର ସ୍ୱୟଂ ନାରାୟଣ ଶ୍ରୀବିଷ୍ଣୁଙ୍କୁ ଚିହ୍ନିବ କିପରି ? ତାପାଇଁ ସେ ଥିଲେ ଜଣେ ତୁଚ୍ଛ ନର । ସାମାନ୍ୟ ମଣିଷ । ଦୂତାପମାନ କୁକର୍ମରୁ ବିରତ ହେବାବସ୍ଥାରେ ନ ଥିଲା ଦଶଗ୍ରୀବ ରାବଣ । କୋଷି ଚାଲିଲା ରୁକ୍ଷ ଗଳାରେ । ଅପଶବ୍ଦ ବାଣରେ ରଘୁକୁଳ ତିଳକ ରାମଚନ୍ଦ୍ରଙ୍କୁ । ସ୍ୱାପମାନ ସହିବା ଥିଲା ଅତି ସହଜ । କିନ୍ତୁ ରାମାପମାନ ? କିମିତି ସହିଥାନ୍ତେ ରାମଦାସ ? ପ୍ରତ୍ୟୁତ୍ତର ପରେ ପ୍ରତ୍ୟୁତ୍ତର । ଜବାବ ପରେ ଜବାବ । ମରଣ କାଳେ ବିପରୀତ ବୁଦ୍ଧି । କ୍ରୋଧାଗ୍ନି ଜର୍ଜରିତ ରାବଣ । ହନୁମାନଙ୍କ ଲାଞ୍ଜରେ ଅଗ୍ନି ସଂଯୋଗାଦେଶ ଦିଏ । ଗୁରୁଭ୍ରାତା ସୂର୍ଯ୍ୟପୁତ୍ର ଶନିଦେବଙ୍କୁ ଦଶାମୁକ୍ତ କରି ତାଙ୍କରି ସହାୟତାରେ ଲଙ୍କା ଦହନ କରନ୍ତି ହନୁମାନ ନିଜ ପୁଛାଗ୍ନିରେ । ସୁନାର ଲଙ୍କା ଚୂନା ହୁଏ ।

ପ୍ରତ୍ୟାବର୍ତ୍ତନାନ୍ତେ ମାଆଙ୍କ ମଥାମଣି ପ୍ରଭୁ ହସ୍ତେ ପ୍ରଦାନ ପୂର୍ବକ ମାତା ସୀତା ଠାବର ପ୍ରମାଣ ଦିଅନ୍ତି ହନୁମାନ । ଭାବବିହ୍ୱଳ ରାମଚନ୍ଦ୍ର ଓ ଲକ୍ଷ୍ମଣ । ଗଳାଗ୍ରତ କରନ୍ତି ହନୁମାନଙ୍କୁ । ଦିଗୁଣ ଉତ୍ସାହରେ ପ୍ରାରମ୍ଭ ହୁଏ ସୀତା ଉଦ୍ଧାର ଅଭିଯାନ । ଯୁଦ୍ଧ ପର୍ବ ସରଳ ହୁଏ ଜଟିଳ ମାର୍ଗ । ରାସ୍ତା ଦେଖାଏ, ଆସ୍ଥା ।

ଇଛା ଥିଲେ ଉପାୟ ଆସେ । ସୁଅ ମୁହଁରେ ପତର ନହୋଇ ପଥର ହେବା ଆସନ୍ତୁ । ଦୃଢ଼ତା ଆସିବ । ନିଜ ଉପରେ ବିଶ୍ୱାସ ରଖିବା ଆସନ୍ତୁ । ବିଜୟ ଆସିବ । ସମର୍ପିତ ହେବା ଆସନ୍ତୁ । ସଫଳତା ଆସିବ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଆତ୍ମାନମ୍... ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଆତ୍ମକଲ୍ୟାଣର ଆଧାରରେ ହିଁ ଆମ ଜୀବନର ସମସ୍ତ ହିତ ସାଧନ ହୋଇପାରେ । ଆତ୍ମା ହିଁ ବାହ୍ୟ ଜଗତ ସହିତ ଆମର ସମ୍ବନ୍ଧଗୁଡ଼ିକର ନିର୍ଦ୍ଧାରଣ କରିଥାଏ । ଯେଉଁ ବ୍ୟକ୍ତି ନିଜ ଜୀବନର ସମସ୍ତ କାର୍ଯ୍ୟକୁ ନିଜ ଆତ୍ମାର ବାଣୀ ଅନୁରୂପ କରିଥାଏ, ସେ ଜୀବନରେ କେବେ ଧୋକା ଖାଏ ନାହିଁ ଏବଂ ଯିଏ ଏହାର ଅନୁସରଣ କରେ ନାହିଁ, ସେ ସନ୍ମାର୍ଗରୁ ଚ୍ୟୁତ ହୋଇଯାଏ ।

ଏହିପରି ଭାରତର ଦେବ ସଂସ୍କୃତିରେ ଆତ୍ମା ହିଁ ସର୍ବୋପରି । କଠୋପନିଷଦ୍ ଏହାର ବହୁତ ସୁନ୍ଦର ବର୍ଣ୍ଣନ କରିଥାଏ, ଯେଉଁଥିରେ ଆତ୍ମାକୁ ରଥୀ ବା ସ୍ୱାମୀର ସଂଜ୍ଞା ଦିଆଯାଇଛି । ଏଥିରେ ଶରୀରକୁ ଏକ ରଥ ବା ବାହନ ରୂପେ ଗ୍ରହଣ କରାଯାଇଛି । ବୁଦ୍ଧି ଏହାର ସାରଥି । ମନକୁ ଲଗାମ ତଥା ଇନ୍ଦ୍ରିୟଗୁଡ଼ିକୁ ଏହାର ଘୋଡ଼ାର ସଂଜ୍ଞା ଦିଆଯାଇଛି ।

ସଂସାର ହେଉଛି ମାର୍ଗ, ଯାହା ଉପରେ ଇନ୍ଦ୍ରିୟ ରୂପୀ ଘୋଡ଼ାମାନଙ୍କୁ ଚାଲିବାକୁ ହୋଇଥାଏ । ରଥର ମାଲିକ ବା ସ୍ୱାମୀ ପାଇଁ ହିଁ ଗାଡ଼ି, ଘୋଡ଼ା ଓ ଲଗାମ ଆଦିର ବ୍ୟବସ୍ଥା ରହିଛି । ରଥର ଅସ୍ତିତ୍ୱ ଓ ସାର୍ଥକତା ତାହାର ସ୍ୱାମୀ ସହ ଜଡ଼ିତ । ଗାଡ଼ି ମଜଭୁତ ଓ ସୁନ୍ଦର ବୋଲି ତାହା ଉତ୍ତମ ହୋଇ ନଥାଏ, ବରଂ ତଦ୍ୱାରା ଗାଡ଼ି ମାଲିକର ହିତ ହେଉଥିବାରୁ ହିଁ ତାହା ଉତ୍ତମ ହୋଇଥାଏ । କୌଣସି ବସ୍ତୁ ସେହି ସୀମା ପର୍ଯ୍ୟନ୍ତ ଉତ୍ତମ ହୋଇଥାଏ, ଯେଉଁ ସୀମା ପର୍ଯ୍ୟନ୍ତ ତାହା ଆତ୍ମାର ବିକାଶରେ ଯୋଗଦାନ ଦେଇଥାଏ ।

ଏହି ଆଧାରରେ ବ୍ୟକ୍ତିର ଜୀବନ ବ୍ୟାପକ ସ୍ତରରେ ସାଧି ହୁଏ । ବେଦ, ଉପନିଷଦ୍ ଗୁଡ଼ିକରେ କୁହାଯାଇଛି– ଯିଏ ସମସ୍ତ ପ୍ରାଣୀଙ୍କୁ ନିଜର ଆତ୍ମାରେ ଦେଖିଥାଏ ଏବଂ ସମସ୍ତ ପ୍ରାଣୀଙ୍କ ମଧରେ ନିଜର ଆତ୍ମାକୁ ଦେଖିଥାଏ । ସେ ସେହି ଆତ୍ମଦର୍ଶନ ପରେ ଆତ୍ମାର ସତ୍ତା ଉପରେ ସନ୍ଦେହ କରେ ନାହିଁ ।

ଯେଉଁ ଅବସ୍ଥା ବିଶେଷରେ ଜ୍ଞାନୀ ପୁରୁଷଙ୍କ ଦୃଷ୍ଟିରେ ସମସ୍ତ ପ୍ରାଣୀ ନିଜର ଆତ୍ମା ସମାନ ହୋଇଯାନ୍ତି, ଅର୍ଥାତ୍ ସମସ୍ତଙ୍କୁ ସେ ଆତ୍ମରୂପ ମାନି ସମସ୍ତଙ୍କ ସହିତ ପ୍ରେମପୂର୍ଣ୍ଣ ବ୍ୟବହାର କରନ୍ତି । ସେହି ସମୟରେ ସମସ୍ତ ପ୍ରାଣୀଙ୍କ ମଧରେ ଆତ୍ମ ଦୃଷ୍ଟିରୁ ଏକତାର ଅନୁଭବ କରନ୍ତି ସେହି ଜ୍ଞାନୀଙ୍କ ସକାଶେ କୌଣସି ମୋହ ଓ ଶୋକ ରହେ ନାହିଁ । ସେ ଜୀବନର ପରମ ଉଦ୍ଦେଶ୍ୟର ଭାବାବସ୍ଥାକୁ ପାଇଯାନ୍ତି ।

ଆତ୍ମା ଅମର ତଥା ଆତ୍ମଜ୍ଞାନୀ ପୁରୁଷ ଆତ୍ମଜ୍ଞାନ ସହିତ ଅମରତାକୁ ପ୍ରାପ୍ତ ହୋଇଥାନ୍ତି । ଏହି ଆତ୍ମଜ୍ଞାନ ହିଁ ମନୁଷ୍ୟର ପରମ ଲକ୍ଷ୍ୟ । ମନୁଷ୍ୟ ନିଜର ସତ୍ତାକୁ କେବଳ ଶରୀର ମଧରେ ସୀମିତ ମାନୁଥିବା ପର୍ଯ୍ୟନ୍ତ, ସେ ନାଶବାନ୍ ରହିଥାଏ ।

ଭୌତିକତା ଓ ଭୋଗବାଦିତାରେ ଲିପ୍ତ ଆଜିର ମାନବ ନିଜର ଶରୀରକୁ ହିଁ ସବୁ କିଛି ମାନି ବସିଛି । ସେ ସେହି ଶରୀରର ତୁଷ୍ଟି ନିମନ୍ତେ ସବୁ କିଛି କରିଥାଏ, ଯାହାର ସ୍ୱରୂପ ନଶ୍ୱର, ଯାହାକୁ ଦେଖି ତା'ର ମନରେ ତାହା ନଷ୍ଟ ହୋଇଯିବା ଓ ଛାଡ଼ି ଚାଲିଯିବାର ଭୟ ସର୍ବଦା ଲାଗି ରହିଥାଏ ।

ଏହି ଅବସ୍ଥାରୁ ଜୀବାତ୍ମାକୁ ମୁକ୍ତ କରିବା ହିଁ ଆଧାତ୍ମିକ ଜୀବନର ଉଦ୍ଦେଶ୍ୟ । ଯେଉଁ ସମୟରେ ମନୁଷ୍ୟ, ମରଣଧର୍ମା ଶରୀରଠାରୁ ସ୍ୱୟଂକୁ ପୃଥକ୍ କରି ଆତ୍ମତତ୍ତ୍ୱରେ ରମଣ କରିବାରେ ଲାଗେ, ସେଥିରେ ସ୍ଥିତ ହୋଇଥାଏ, ସେହି ସମୟରେ ସେ ଅମର ହୋଇଯାଏ । ଏହି ଅବସ୍ଥାରେ ସେ ସୁଖ-ଦୁଃଖ, ମାନ-ଅପମାନ, ଲାଭ – କ୍ଷତି, ଜୀବନ-ମରଣ ଭଳି ଦ୍ୱନ୍ଦଗୁଡ଼ିକରୁ ପାର ହୋଇଯାଏ ଏବଂ ସମତ୍ୱ ଦୃଷ୍ଟିଯୁକ୍ତ ସ୍ଥିତପ୍ରଜ୍ଞତାକୁ ପ୍ରାପ୍ତ ହୋଇଥାଏ ।

ଏଭଳି ମନୁଷ୍ୟର ଦୁଃଖରୁ ନିବୃତ୍ତି ତଥା ମାନବକଲ୍ୟାଣର ମାର୍ଗ ପ୍ରଶସ୍ତ ହୋଇଯାଏ । ଆନ୍ତରିକ ସମତା ଓ ଶାନ୍ତିର ଏହି ଅବସ୍ଥାରେ ହିଁ ସେ ଜୀବନର ବାସ୍ତବିକ ସୁଖକୁ ପ୍ରାପ୍ତ ହୋଇଥାଏ, ଯାହାକୁ ମାନବ ଜୀବନର ଧ୍ୟେୟ, ଜ୍ଞେୟ ଓ ପରମ ଶ୍ରେୟ ରୂପେ ସ୍ୱୀକାର କରାଯାଏ ।

ଜୀବ ମାତ୍ରକୁ ଆତ୍ମଦୃଷ୍ଟିରେ ଦେଖୁଥିବା ବ୍ୟକ୍ତି ଏହି ଅବସ୍ଥାରେ କେବେହେଲେ ଅନୈତିକ ବ୍ୟବହାର କରେ ନାହିଁ । ସେ ଆତ୍ମକଲ୍ୟାଣ ସହିତ ଲୋକକଲ୍ୟାଣର ସଂବାହକ ବି ହୋଇଯାଏ ।

## ଆଜିର ଚିନ୍ତନ

ଶ୍ରୀମଦ ଭାଗବତ ଗୀତରେ ଏକ ଶ୍ଳୋକର ଅର୍ଥ ହେଉଛି- ସମସ୍ତ ଧର୍ମକୁ ପରିତ୍ୟାଗ କରି ମୋ ଶରଣକୁ ଆସ । ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତି କରିଦେବି । ଏହିଭଳି କଥନ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ମହାଭାରତ ଯୁଦ୍ଧ ଭୂମିରେ ବୁଝେଇ କହିଥିଲେ । ଭକ୍ତି ଏଭଳି ଏକ ପାବନ ଗଙ୍ଗା ସେଥିରେ ବୁଡ଼ ମାରିଲେ ପାପରୁ ମୁକ୍ତି ମିଳିଯାଏ । ସ୍ୱୟଂକୁ ପବିତ୍ର କରିହୁଏ । ତ୍ରିଗୁଣମୟୀ ମାୟାର ପ୍ରଭାବ ଏବଂ କିଛି ପୂର୍ବ ଜନ୍ମର ସଂସ୍କାର ମିଶି ଆମ କର୍ମର ତତ୍ତ୍ୱକୁ ପ୍ରଭାବିତ କରି ଅସତ୍ୟ ତଥା ଅନୈତିକ କାର୍ଯ୍ୟ କରିବାକୁ ପ୍ରେରିତ କରିଥାଏ । କାମ,କ୍ରୋଧ,ଲୋଭ,ମୋହ ଭଳି ବିକାରରେ ଗ୍ରସିତ ମନୁଷ୍ୟ ଆପଣାଛାଏଁ ଅସତ୍ୟ ମାର୍ଗକୁ ଆପଣେଇ ନିଏ ।କିନ୍ତୁ ଈଶ୍ୱର କୃପା ଦ୍ୱାରା ସେସବୁ ବିକାରକୁ ପରିତ୍ୟାଗ କରି ଭକ୍ତି ମାର୍ଗରେ ଆତ୍ମାକୁ ସ୍ୱଚ୍ଛଳ, ନିର୍ମଳ, ପବିତ୍ର କରିହେବ । ପଶ୍ଚାତାପ କଲେ ଈଶ୍ୱର ଅତୀତରୁ ଦୁଃଷ୍କର୍ମକୁ ମଧ କ୍ଷମା କରିଦିଅନ୍ତି । ଧ୍ରୁବ ହୁଅନ୍ତୁ କି ପ୍ରହ୍ଲାଦ– ଅନନ୍ୟ ଭକ୍ତି ଦ୍ୱାରା ଈଶ୍ୱରଙ୍କୁ ପାଇଥିଲେ ଭକ୍ତ ରବି ଦାସ ଭକ୍ତି ମାଧମରେ ଈଶ୍ୱରଙ୍କ ପ୍ରିୟପାତ୍ର ହୋଇଥିଲେ । ଭକ୍ତିର ଅନେକ ମାର୍ଗ ଅଛି । ଜ୍ଞାନ ମାର୍ଗ,ଆତ୍ମ ଚିନ୍ତନ, ସତସଙ୍ଗ ଏବଂ ଯୋଗ ସାଧନା । ଭକ୍ତି କେବେବି ପ୍ରେମ ରହିତ ହୋଇନଥାଏ । ପ୍ରେମ ରସରେ ରସାଣିତ ହେଲେ ଭକ୍ତି ମାର୍ଗରେ ଈଶ୍ୱରଙ୍କୁ ଅନୁଭବ କରି ହୁଏ । ସେ ପୁଣି କହିଛନ୍ତି-ମୁଁ ସମସ୍ତ ପ୍ରାଣୀଙ୍କ ମଧରେ ସମାନ୍ତରାଳ ଭାବେ ବିଦ୍ୟମାନ । ନା ମୋର କେହି ପ୍ରିୟ ନା ଅପ୍ରିୟ।କିନ୍ତୁ ଯିଏ ମୋତେ ହୃଦୟରୁ ଡାକେ ମୁଁ ତା'ଠାରେ ସେ ମୋଠାରେ ପ୍ରତ୍ୟକ୍ଷ ପ୍ରକଟ ହୋଇଥାଏ । ସ୍ୱାମୀ ରାମକୃଷ୍ଣ ପରମହଂସ ମା' କାଳୀଙ୍କ ଭକ୍ତିରେ ନିଜର ପୂରା ଜୀବନ ସମର୍ପିତ କରିଦେଲେ । ଚୈତନ୍ୟ ମହାପ୍ରଭୁ ଭକ୍ତି ମାର୍ଗରେ ସ୍ୱୟଂକୁ ଭୁଲି ଈଶ୍ୱରଙ୍କ ଭାବ ଭାଙ୍ଗିମା ଓ ନାଚ କୀର୍ତ୍ତନରେ ମଗ୍ନ ରହିଲେ । ମୀରା ବାଈ କୃଷ୍ଣ ଭକ୍ତିରେ ନିଜକୁ ଭୁଲି ପ୍ରେମ ମଗ୍ନରେ ମନ୍ଦିରରେ ନାଚୁଥିଲେ ଏବଂ ହସି ହସି ବିଷର ଗିନା ପିଇଗଲେ । ଭକ୍ତିର ମହିମାରେ ଗୋସ୍ୱାମୀ ତୁଳସୀ ଦାସ ରାମ ଚରିତ ମାନସ ରଚନା କରିଦେଲେ।ସୁରଦାସ ଜନ୍ମାନ୍ଧ ହୋଇ ଭକ୍ତିର ଦିବ୍ୟ ଦୃଷ୍ଟିରେ ଭଗବାନଙ୍କର ସମସ୍ତ ଲୀଳା ଦର୍ଶନ କରିଥିଲେ । ଭକ୍ତି ହିଁ ମୁକ୍ତିର ମାର୍ଗ ଏହା ଅକାଟ୍ୟ ସତ୍ୟ ।

ବର୍ଷ ୨୯, ସଂଖ୍ୟା - ୧, ୫ - ୧୧ ଜାନୁଆରୀ ୨୦୨୫

# ସମ୍ବିଧାନ:ଗତ ବର୍ଷର ମୁଖ୍ୟ ପ୍ରସଙ୍ଗ

**ଘ**ଟଣାବହୁଳ ୨୦୨୪ ଶେଷ ହୋଇଛି । ସଧାରଣ ନିର୍ବାଚନ ଭଳି ବହୁ ଚର୍ଚ୍ଚିତ ପ୍ରସଙ୍ଗ ଏହି ବର୍ଷରେ ସବୁ ବର୍ଗର ଜନତାଙ୍କ ମଧରେ ଆଲୋଚନାର ବିଷୟ ହୋଇଥିଲା । ତେବେ ଯେଉଁ ବିଷୟଟି ସବୁଠୁ ଅଧିକ ଚର୍ଚ୍ଚାରେ ରହିଆସିଛି ତାହା ହେଉଛି ଭାରତୀୟ ସମ୍ବିଧାନ । ଏହି ବର୍ଷ ସମ୍ବିଧାନର ୭୫ତମ ବାର୍ଷିକୀ ପାଳନ କରାଯାଇଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ପୁସ୍ତିକାର ଏକ ନକଲ ହାତରେ ଧରି ସାରା ଦେଶ ବୁଲିଲେ । ନିର୍ବାଚନରେ ବିଜେପି ଜିତିଲେ ସମ୍ବିଧାନକୁ ବଦଳାଇଦେବ ବୋଲି ହୁରି ପକାଇଲେ । ସମ୍ବିଧାନ ବଞ୍ଚାଇବା ପାଇଁ ଜନତାଙ୍କୁ ନିବେଦନ କଲେ । ସାଧାରଣ ନିର୍ବାଚନରେ ଏହାର ପ୍ରଭାବ ପଡ଼ିଲା । ବିଜେପି ଦାବି ମୁତାବକ ୪୦୦ ଆସନ ଛୁଇଁ ପାରିଲା ନାହିଁ । ବିଜେପି ମଧ ନିଜର ଆଭ୍ୟନ୍ତରୀଣ ବିଶ୍ଳେଷଣରେ ଏହି ପ୍ରସଙ୍ଗ ହିଁ ବିଫଳତାର କାରଣ ବୋଲି ଏକରକମ ସ୍ୱୀକାର କରିଥିବା ଜଣାଯାଏ । ଏହା ପରେ ସଂସଦକୁ ଆସିଲା ସମ୍ବିଧାନ ପ୍ରସଙ୍ଗ ସରକାରୀ ଦଳ ଏହି ପ୍ରସଙ୍ଗରେ କଂଗ୍ରେସ ଓ ଏହାର ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ସବୁ ନେତାଙ୍କ ଗୋଇ, ଖୋଲିଲା ।

ବର୍ଷର ଶେଷ ସଂସଦ ଅଧିବେଶନ ଥିଲା ନିକଟରେ ଶେଷ ହୋଇଥିବା, ଶୀତକାଳୀନ ଅଧିବେଶନ । ମାତ୍ର ୨୦ ଦିନର ଏହି ଅଧିବେଶନରେ ୮୪ କୋଟି ବ୍ୟୟ ହେଲା ; କିନ୍ତୁ ଏହା ସେଭଳି ଫଳପ୍ରଦ ହେଲାନାହିଁ । ଦୁଇଦିନିଆ ସମ୍ବିଧାନ ବିତର୍କ ଆଳରେ ମୁଦ୍ରାସ୍ଫୀତି, ବେକାରୀ, ଦେଶର ସୁରକ୍ଷା, କୃଷକଙ୍କ ସମସ୍ୟା ଭଳି ସାଧାରଣ ଜନତାଙ୍କ ଆଶା ଧୋଇଗଲା । ସଂସଦ ଭିତରେ ହୋହଲ୍ଲା ହଙ୍ଗାମା ସହ ସଂସଦ ବାହାରେ ଠେଲାପେଲା ହଇଚଇ ସୃଷ୍ଟିକଲା । ଅଡାନୀ, ନେହରୁ ଏବଂ ଆମ୍ବେଦକରଙ୍କ ପ୍ରସଙ୍ଗ ପ୍ରାଧାନ୍ୟ ବିସ୍ତାର କଲା । ସଂସଦରେ ଆମ୍ବେଦକର ପ୍ରସଙ୍ଗ ଆଲୋଚନାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ମନ୍ତବ୍ୟ ଏହାକୁ ବିବାଦୀୟ କରିଥିଲା । ଦଳିତ ସମ୍ପ୍ରଦାୟଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅପମାନିତ କରିଥିବା ବିରୋଧୀ ଅଭିଯୋଗ କରିଥିଲେ । ଏହି ଆରୋପରୁ ବର୍ତ୍ତିବା ପାଇଁ ଶାସକ ଦଳ ମଉକା ଖୋଜୁଥିଲା । ସଂସଦ ଭବନର ପ୍ରବେଶପଥକୁ ଅବରୋଧ କରିବା ସହ ରାହୁଲ ଗାନ୍ଧୀଙ୍କ ପ୍ରବେଶକୁ ବିରୋଧ କରାଗଲା । ବଳପୂର୍ବକ ରାହୁଲ ପ୍ରବେଶ ସମୟରେ ଧକ୍କା ଖାଇ ଦୁଇ ସାଂସଦ ପଡ଼ିଗଲେ । ଏହାକୁ ନେଇ ଦେଶ ପଡ଼ିଲା ଉଠିଲା ।

ଶାସକ ଦଳ ଏକ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ବାସ୍ତବ ମାମଲାରୁ ଦୃଷ୍ଟି ହଟାଇବାରେ ସଫଳ ହେଲା । ସମ୍ବିଧାନ ଓ ଆମ୍ବେଦକର ପ୍ରସଙ୍ଗ ପଛରେ ପଡ଼ିଗଲା । ସଂସଦର ଉଭୟ ସଦନରେ ସମ୍ବିଧାନ ପ୍ରସଙ୍ଗ ଉତ୍ଥାପନ ସମୟରେ ଶାସକ ଦଳକୁ ଅନ୍ତତଃ ଏତିକି ହୃଦୟଙ୍ଗମ କରିବାକୁ ପଡ଼ିଲା ଯେ ସମ୍ବିଧାନ ଉପରେ ଆକ୍ରମଣ କରିବାର ଆଭିମୁଖ୍ୟ ରାଜନୈତିକ ଦୃଷ୍ଟିରୁ ମହଙ୍ଗା ସାବ୍ୟସ୍ତ ହୋଇପାରେ । ସେଥିଯୋଗୁଁ ହୁଏତ ପ୍ରଧାନମନ୍ତ୍ରୀଙ୍କୁ ସମ୍ବିଧାନ ପ୍ରସଙ୍ଗରେ ମୁଣ୍ଡ ନୁଆଁଇବାକୁ ପଡ଼ିଲା । ପ୍ରଧାନମନ୍ତ୍ରୀ ସଂସଦରେ ଥିବା ସମ୍ବିଧାନ ପୁସ୍ତିକାରେ ମୁଣ୍ଡିଆ ମାରିଲେ । ଏପରି ଫଟୋ ବୋଧହୁଏ ପ୍ରଥମ ଥର ପାଇଁ ଦେଶ ସାରା ପ୍ରସାରିତ ହେଲା । ବର୍ଷର ଶେଷ ମନ୍ କି ବାତ୍‌ରେ ମଧ ପ୍ରଧାନମନ୍ତ୍ରୀ ସମ୍ବିଧାନ ପ୍ରସଙ୍ଗ ଉଠାଇଲେ । ମନ୍ କି ବାତ୍‌ରେ ସମ୍ବିଧାନ ହିଁ ଆମର ଆଧାର ବୋଲି କହିଲେ । ଶାସକ ଦଳ ସମ୍ବିଧାନକୁ ଖୋଲାଖୋଲି ପୂଜା କରିବା ଆରମ୍ଭ କଲା । ଯାହାହେଉ, ସମ୍ବିଧାନ କାର୍ଯ୍ୟକାରୀ ହେବା ପରଠାରୁ ବୋଧହୁଏ ପ୍ରଥମ ଥର ପାଇଁ ଏହା ଏକ ରାଜନୈତିକ ପ୍ରସଙ୍ଗ ଭାବେ ପରିଣତ ହେଲା । ଏହି ରାଜନୈତିକ ବିତର୍କ ନୂଆ ବର୍ଷରେ ବନ୍ଦ ହେଲା ଭଳି ଲକ୍ଷ୍ୟ କରାଯାଉନାହିଁ । ଅତଏବ ଏହି ପ୍ରସଙ୍ଗ ଗଣତନ୍ତ୍ର ପାଇଁ ଯେତିକି ଶୁଭଙ୍କର ଏହାକୁ ନେଇ ବିବାଦ ତତୋଧିକ ଯେ ବିପଜ୍ଜନକ ତାହା ସ୍ପଷ୍ଟ ।

ରାଜନୀତିରେ ଗଣତାନ୍ତ୍ରିକ ଚିନ୍ତାଧାରାର ଅବକ୍ଷୟ ହିଁ ଏହି ସମ୍ଭାବ୍ୟ ବିପଦର ପ୍ରମୁଖ କାରଣ ବୋଲି କୁହାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ ୨୫ ବର୍ଷ ପୂର୍ବେ ସମ୍ବିଧାନର ରଜତ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା । ସେ ପର୍ଯ୍ୟନ୍ତ ଦେଶର ଅଧିକାଂଶ ନାଗରିକ ନଭେମ୍ବର ୨୬ ତାରିଖ ସମ୍ପର୍କରେ ବିଶେଷ ଅବଗତ ନଥିଲେ କିମ୍ବା ଏହି ଦିବସର ତାତ୍ପର୍ଯ୍ୟ ବୁଝି ନ ଥିଲେ । ଏହି ଅବସରରେ ସରକାର ସମ୍ବିଧାନର କାର୍ଯ୍ୟକାରୀତା ସମୀକ୍ଷା ପାଇଁ ଏକ ଜାତୀୟ ଆୟୋଗ ଗଠନ କରିଥିଲେ । ଏହିଠୁ ହିଁ ସମ୍ବିଧାନ ସମ୍ପର୍କିତ ବିବାଦର ମଞ୍ଜି ପୋତିଥିଲା । ଆୟୋଗ ସମ୍ବିଧାନର ମୂଳ ଢାଞ୍ଚା ବଦଳାଇବାର ସୁଯୋଗ ଦେଇ ନ ଥିଲେ ; କିନ୍ତୁ ସେଥିପାଇଁ ବାଟ ଫିଟିଥିଲା । ଏହା ସାମ୍ପ୍ରତିକ ବିବାଦର ଆଧାର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କହିବାକୁ ଗଲେ ଏହା ହିଁ ସମ୍ବିଧାନକୁ ରାଜନୈତିକ ପ୍ରସଙ୍ଗରେ ପରିଣତ କରିଛି । ଆଜିକାଲି ଯେଉଁ ପ୍ରସଙ୍ଗର ରାଜନୀତିକରଣ ହେବା ଅନୁଚିତ ତାହା ହେଉଛି । ବାସ୍ତବ ପ୍ରସଙ୍ଗକୁ ରାଜନୈତିକ କାରଣରୁ ଘୋଡ଼ାଇ ଦିଆଯାଉଛି । ଅତଏବ ନୂଆ ବର୍ଷ ପୁରୁଣା ହୋଇଯିବ ପଛକେ ସମ୍ବିଧାନ ପ୍ରସଙ୍ଗ ରାଜନୈତିକ ମଇଦାନରୁ ହଟିବ ନାହିଁ ବୋଲି ପ୍ରତୀୟମାନ ହେଉଛି । ଅନ୍ୟପକ୍ଷରେ ଦେଖିଲେ ଏହି ପ୍ରସଙ୍ଗ ଯେତେଦିନ ପର୍ଯ୍ୟନ୍ତ ସତେଜ ରହିବ ଓ ଏହା ଆଧାରିତ ବିତର୍କ ଯେତିକି ଶାଣିତ ହେବ ତାହା ଭାରତୀୟ ଗଣତନ୍ତ୍ର ପାଇଁ ସେହି ପରିମାଣରେ ହିତକର ସାବ୍ୟସ୍ତ ହେବ ।

# ଯଥାର୍ଥ ସେବା

**ମହାତ୍ମା ଗାନ୍ଧୀ**



**ବୁ**ଦ୍ଧିଯୁକ୍ତ ଭାବରେ ଆପଣା ଅନ୍ନର ଉପାର୍ଜନ ଲାଗି ଶ୍ରମ ସକଳ ସମୟରେ ଏହା ହିଁ ହେଉଛି ସମାଜ ସେବାର ଉଚ୍ଚତମ ଦୃଷ୍ଟାନ୍ତ । ଜଣେ ବ୍ୟକ୍ତି ଆପଣାର ବ୍ୟକ୍ତିଗତ ଶ୍ରମଦ୍ୱାରା ଦେଶର ଉପଯୋଗୀ ସମ୍ପଦରେ କିଞ୍ଚିତ, ଅଭିବୃଦ୍ଧି ଘଟାଇବ, ଏହାଠାରୁ ଅଧିକ ଭଲ ଆଉ କ'ଣ ହୋଇପାରେ ? 'ଶ୍ରମ କରିବା' ତାହା ହିଁ 'ଜୀବନ ବଞ୍ଚିବା' ।

ଏଠାରେ ବୁଦ୍ଧିଯୁକ୍ତ ଶବ୍ଦଟିକୁ ଶ୍ରମର ବିଶେଷଣ ରୂପେ ଯେ ବ୍ୟବହାର କରାଯାଇଛି, କୌଣସି ଶ୍ରମକୁ ସମାଜସେବା ବୋଲି କହି ପାରିବାକୁ ହେଲେ ଏହା ପଛରେ ସେହି ନିର୍ଦ୍ଦିଷ୍ଟ ଧେୟଟି ଅବଶ୍ୟ ରହିବା ଉଚିତ ବୋଲି ଦର୍ଶାଇ ଦେବାକୁ ହିଁ ସେପରି କରାଯାଇଛି । ତା' ନହେଲେ ଶ୍ରମ କରୁଥିବା ପ୍ରତ୍ୟେକ ବ୍ୟକ୍ତି ହିଁ ସମାଜର ସେବା କରୁଛନ୍ତି ବୋଲି କୁହାଯାଇ ପାରିବ । ଅବଶ୍ୟ, ଗୋଟିଏ ଦୃଷ୍ଟିରୁ ପ୍ରତ୍ୟେକେ ସମାଜର ସେବା କରୁଥାନ୍ତି ସତ, ମାତ୍ର ଏଠାରେ ତା' ଠାରୁ ଅନେକ ଅଧିକ ଇପ୍ସିତରୂପେ ଗ୍ରହଣ କରାଯାଇ ଏଭଳି କୁହାଯାଇଛି । ଯେଉଁ ବ୍ୟକ୍ତି ସମସ୍ତଙ୍କର ହିତପାଇଁ ଶ୍ରମ କରୁଥାଏ, ସେ ସମାଜର ସେବା ହିଁ କରେ ଓ ଆପଣା ସେବାର ଏକ ସୁଯୋଗ୍ୟ ପରିଚୟ ଦେଇଥାଏ । ତେଣୁ, ଏଭଳି ଅନ୍ନଶ୍ରମକୁ ସମାଜର ସେବାଠାରୁ କଦାପି ଏକ ଅଲଗା ଜିନିଷ ବୋଲି କୁହାଯିବ ନାହିଁ ।

ଅନ୍ନଶ୍ରମର ବିଧାନଟିର ପରିପାଳନ ଦ୍ୱାରା ସମାଜର ଗଠନରେ ଏକ ନୀରବ ବିପ୍ଳବ ଅବଶ୍ୟ ସମ୍ଭବ ହେବ । ଜୀବନର ଧାରଣ ନିମନ୍ତେ ପ୍ରତ୍ୟେକ ମନୁଷ୍ୟ ଅଲଗା ଯେଉଁ ସଂଗ୍ରାମ କରିବାରେ ଲାଗିଛି, ସେହି ସଂଗ୍ରାମଟିକୁ ପାରସ୍ପରିକ ସେବାରେ ପରିଣତ କରିଦେଇ ପାରିଲେ ତାହାକୁ ମନୁଷ୍ୟ ଲାଗି ଏକ ଯଥାର୍ଥ ବିଜୟ ବୋଲି କୁହାଯିବ । ତେବେ ଯାଇ ପଶୁର ବିଧାନ ପରିବର୍ତ୍ତେ ମନୁଷ୍ୟ ବିଧାନର ସ୍ଥାପନା ସମ୍ଭବ ହେବ ।

ଯଦି ପ୍ରତ୍ୟେକ ବ୍ୟକ୍ତି ଆପଣାର ଝାଳବୁହା ଶ୍ରମଦ୍ୱାରା ଜୀବିକା ନିର୍ବାହ କରିବେ, ତେବେ ଏହି ଧରା ଏକ ସ୍ୱର୍ଗରେ ପରିଣତ ହୋଇଯିବ । ନିଜ ନିଜର ବିଶେଷ ପ୍ରତିଭାକୁ କାର୍ଯ୍ୟରେ ଲଗାଇବାର ପ୍ରଶ୍ନଟି ଆଦୌ ଏକ ସ୍ୱତନ୍ତ୍ର ବିଚାରର ଆବଶ୍ୟକ କରୁ ନାହିଁ । ଯଦି ପ୍ରତ୍ୟେକ ବ୍ୟକ୍ତି ଆପଣାର ଅନ୍ନ ପାଇଁ ଶରୀରଶ୍ରମ କରିବେ, ତେବେ ସେଥିରୁ ଏହି ସତ୍ୟଟି ମଧ ନିଷ୍ପନ୍ନ ହୋଇ ଆସୁଛି ଯେ, କବି, ଚିକିତ୍ସକ ବା ଆଇନଜୀବୀ ପ୍ରଭୃତି ବ୍ୟକ୍ତିମାନେ ମନୁଷ୍ୟସମୂହର ସେବା ଲାଗି ହିଁ ଆପଣାର ପ୍ରତିଭାକୁ ବିନା ପାରିଶ୍ରମିକରେ ବ୍ୟବହାର କରିବାକୁ ହିଁ ନିଜର କର୍ତ୍ତବ୍ୟ ବୋଲି ବିଚାର କରିବେ । ନିଃସ୍ୱାର୍ଥପର ଭାବରେ ଏହିପରି ଆପଣାର କର୍ତ୍ତବ୍ୟ କରିବା ଦ୍ୱାରା ସେମାନଙ୍କର ଉତ୍ପାଦନ ଆହୁରି ଅଧିକ ଭଲ ହେବ, ଆହୁରି ଅଧିକ ସମୃଦ୍ଧିଯୁକ୍ତ ମଧ ହୋଇପାରିବ ।

ଯେଉଁ ବ୍ୟକ୍ତି ଅହିଂସା ପାଳନ କରିବ, ସତ୍ୟର ଉପାସନା କରୁଥିବ ଏବଂ ଏକ ସ୍ୱାଭାବିକ କର୍ମରୂପେ ବ୍ରହ୍ମଚର୍ଯ୍ୟ ରକ୍ଷା କରୁଥିବ, ଅନ୍ନଶ୍ରମ ତାର ଜୀବନରେ ଏକ ଯଥାର୍ଥ ଆଶୀର୍ବାଦରୂପେ କାର୍ଯ୍ୟ କରିପାରିବ । ଏହି ଶ୍ରମକୁ କେବଳ କୃଷି ସହିତ ହିଁ ସମ୍ବନ୍ଧିତ କରି ରଖାଯାଇ ପାରିବ । ମାତ୍ର ଅନ୍ତତଃ ବର୍ତ୍ତମାନ ପାଇଁ ପ୍ରତ୍ୟେକ ବ୍ୟକ୍ତି କଦାପି କୃଷିକୁ ଅବଲମ୍ବନ କରିପାରିବ ନାହିଁ । ତେଣୁ ତତ୍‌ପରିବର୍ତ୍ତେ ସୂତା କାଟିପାରିବ, ଲୁଗା ବୁଣିପାରିବ, ବଢ଼େଇକାମ ଅଥବା କମାରକାମ କରିପାରିବ । ଅବଶ୍ୟ ସର୍ବଦା କୃଷିକାର୍ଯ୍ୟକୁ ହିଁ ଆଦର୍ଶ ବୋଲି ଗ୍ରହଣ କରୁଥିବ ।

ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ସଫାଇ କାମ କରିବ । ଭୋଜନ ପରି ମଳମୂତ୍ର ତ୍ୟାଗ କରିବା ମଧ ଗୋଟିଏ ଆବଶ୍ୟକ କାର୍ଯ୍ୟ ଏବଂ ପ୍ରତ୍ୟେକେ ନିଜ ନିଜର ମଇଳା ସଫା କରିବା ହିଁ ପ୍ରକୃତରେ ସର୍ବୋତ୍ତମ କାର୍ଯ୍ୟ ହେବ । ଯଦି ଏକଥା ସମ୍ଭବ ନହୁଏ, ତେବେ ପ୍ରତ୍ୟେକ ପରିବାର ନିଜ ସଫାଇ ନିଜେ କରିବ ।

ଅନେକ ବର୍ଷ ହେଲା ମୁଁ ଅନୁଭବ କରି ଆସିଛି ଯେ, ସମାଜର ଏକ ବିଶେଷ ବର୍ଗ ଉପରେ ମଳମୂତ୍ର ସଫା କରିବାର କାର୍ଯ୍ୟଟିକୁ ନ୍ୟସ୍ତ କରାଯାଇଥିବା ବ୍ୟବସ୍ଥା ପଛରେ କେଉଁଠି ନା କେଉଁଠି ଏକ ମୂଳତଃ ଭୁଲ ରହିଯାଇଛି । ଏହି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବାଟିକୁ ସବାତଳ ପାହିଆର ଏକ କାର୍ଯ୍ୟ ବୋଲି ଯିଏ ନିର୍ଦ୍ଧାରିତ କରି ଦେଇଥିବ, ସେହି ବ୍ୟକ୍ତିଟି ବିଷୟରେ ଆମ ହାତରେ କୌଣସି ଐତିହାସିକ ବିବରଣୀ ନାହିଁ । ସେହି ବ୍ୟକ୍ତି ଯିଏ ହୋଇଥାଉ ନା କାହିଁକି, ଏପରି କରି ସେ ଆମର ଆଦୌ କୌଣସି ଉପକାର କରି ନାହିଁ ବୋଲି କହିବାକୁ ହେବ ।

ଆମେ ହେଉଛୁ ସମସ୍ତେ ମେହେନ୍ତର, ଏହି କଥାଟି ଆମର ଶୈଶବ କାଳରୁ ହିଁ ଆମର ମନ ଭିତରେ ଦୃଢ଼ଭାବରେ ପ୍ରତିଷ୍ଠିତ ହୋଇ ରହିଯିବା ଉଚିତ । ଯିଏ ଏହି କଥାଟିକୁ ହୃଦୟଙ୍ଗମ କରିଛି, ସିଏ ଜଣେ ମେହେନ୍ତର ହିସାବରେ ଅନ୍ନଶ୍ରମ ଆରମ୍ଭ କରିଦେବା ହେଉଛି ତାହା କରିବା ଲାଗି ସବୁଠାରୁ ସହଜ ରାସ୍ତା । ଏହିପରି ବୁଦ୍ଧିଯୁକ୍ତ ଭାବରେ ଗ୍ରହଣ କରିନେଇ ପାରିଲେ ସଫାଇ କାର୍ଯ୍ୟ ମଧ ସବୁ ମଣିଷଙ୍କ ମଧରେ ରହିଥିବା ସମାନତା ବିଷୟରେ ଏକ ଯଥାର୍ଥ ବୋଧ ଆଣିଦେବା ଦିଗରେ ଆମକୁ ସାହାଯ୍ୟ କରିପାରିବ ।

ନିଜ ଅନ୍ନଲାଗି ଶ୍ରମ କରିବାର କର୍ତ୍ତବ୍ୟ ଓ ସେକଥା କହିଲେ ଆନୁଷଙ୍ଗିକ ଆଉ ଯାହାକିଛି ବୁଝାଉଛି, ଗାଆଁକୁ ଫେରିଯିବାର ସନ୍ଦେଶଟି ଦ୍ୱାରା ଆମେ ସୁନିର୍ଦ୍ଦିଷ୍ଟ ତଥା ସ୍ୱତଃପ୍ରବୃତ ଭାବରେ ତାହାକୁ ସ୍ୱୀକୃତି ଦେବା ହିଁ ବୁଝାଇବ । ମାତ୍ର, ସମାଲୋଚକ ମନ୍ତବ୍ୟ ଦେଇ କହିବେ, ଭାରତବର୍ଷର କୋଟି କୋଟି ପିଲା ତ ଆଜି ଗାଆଁମାନଙ୍କରେ ବାସ କରୁଛନ୍ତି ଏବଂ ସେମାନଙ୍କୁ ତଥାପି ଆର୍ଦ୍ଧୋପବାସର ଏକ ଜୀବନ ବଞ୍ଚିବାକୁ ହେଉଛି । ଦୁଃଖର ବିଷୟ, ଏହି କଥାଟି ଗୋଟିଏ ନିରାଟ ସତ୍ୟ କଥା । ଭାଗ୍ୟର କଥା ଯେ ସେମାନେ ସ୍ୱେଚ୍ଛାପ୍ରବୃତ୍ତ ହୋଇ ଏହି ଜୀବନଟିକୁ ଯାପନ କରୁ ନାହାନ୍ତି । ଯଦି ପାରନ୍ତେ ତେବେ ସେମାନେ ମଧ ଶାରୀରିକ ଶ୍ରମକୁ ଛାଡି ପଳାଇ ଆସନ୍ତେ ଏବଂ ସ୍ଥାନ ମିଳିଲେ ସେମାନେ କାଳବିଳମ୍ବ ନ କରି ନିକଟତମ ସହରରେ ମଧ ଆସି ପହଞ୍ଚି ଯାଆନ୍ତେ । କୌଣସି ମୁନିବର କଥାକୁ ବାଧ ହୋଇ ପାଳନ କରିବା ହେଉଛି ଦାସତ୍ୱ, ଏବଂ ଆପଣାର ବାପାଙ୍କ କଥାକୁ ସ୍ୱତଃପ୍ରବୃତ୍ତ ହୋଇ ମାନିବା ହେଉଛି ସନ୍ତାନ ହେବାର ଗୌରବ । ଠିକ୍ ସେହିପରି ଅନ୍ନଶ୍ରମର ନିୟମଟିକୁ ବାଧ ହୋଇ ମାନିବା ଦାରିଦ୍ର୍ୟ ରୋଗ ଏବଂ ଅସନ୍ତୋଷର ଜନକ ପରି କାର୍ଯ୍ୟ କରିଥାଏ । ଏହାକୁ ଦାସତ୍ୱର ଏକ ସ୍ଥିତି ବୋଲି ହିଁ କୁହାଯିବ । ମାତ୍ର, ସ୍ୱେଚ୍ଛାପ୍ରବୃତ୍ତ ହୋଇ ତାହାର ପାଳନ କଲେ ତାହା ଅବଶ୍ୟ ସନ୍ତୋଷ ଏବଂ ସ୍ୱାସ୍ଥ୍ୟର କାରଣ ହେବ । ରୂପା ନୁହେଁ କି ସୁନା ନୁହେଁ, ସ୍ୱାସ୍ଥ୍ୟ ହିଁ ଯଥାର୍ଥ ଧନ ।

# ଶରୀର ପାଇଁ ବହୁ ହିତକାରୀ ଅଁଳା

**ଆ**ୟୁର୍ବେଦରେ ଅଁଳାର ଖୁବ୍ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଅଁଳାରେ କେବଳ ଔଷଧୀୟ ଗୁଣ ଭରି ରହିଛି ତାହା ନୁହେଁ ଏହା ପୂଜା କ୍ଷେତ୍ରରେ ମଧ ବ୍ୟବହାର କରାଯାଇଥାଏ । ଅଁଳା ଗଛରେ ମହାଲକ୍ଷ୍ମୀ ବାସ କରନ୍ତି ତେଣୁ ଏହି ଗଛପୂଜା ଉପଯୋଗୀ । ଏଥିସବୁ ଅଁଳା ତ୍ୱଚା ପାଇଁ ଖୁବ୍ ଉପଯୋଗୀ ।



ଅଁଳାରେ ସବୁଠାରୁ ବଡ଼ ଗୁଣ ହେଉଛି ଯେ, ଏଥିରେ ରୋଗ ପ୍ରତିରୋଧକ କ୍ଷମତା ଅଧିକ ମାତ୍ରାରେ ରହିଥାଏ । ଯାହାଦ୍ୱାରା ଏହା ଆମ ଶରୀରରେ ଛୋଟ ବଡ଼ ରୋଗ ହେବାକୁ ଦିଏ ନାହିଁ । ରୋଗକୁ ଶୀଘ୍ର ଠିକ୍ କରି ଦେଇଥାଏ ।

ଅଁଳାରେ ଭିଟାମିନ୍ ସି'ର ସବୁଠାରୁ ଉତ୍ତମ ସ୍ରୋତ ରହିଛି । ଏଥିରେ ଭିଟାମିନ୍ ସି' ପ୍ରଚୁର ପରିମାଣରେ ରହିଛି । ୧୦୦ ଗ୍ରାମ ଅଁଳାରେ ୪୪୫ ମିଜି ଭିଟାମିନ୍ ସି' ତଥା ଆଣ୍ଟି ବ୍ୟାକ୍ଟେରିୟାଲ, ଆଣ୍ଟି କ୍ୟାନସର, ଆଣ୍ଟି ଇନଫ୍ଲାମେଟରୀ ଗୁଣ ଭରି ରହିଥାଏ ।

ଅଁଳା ନବମୀରେ ଅଁଳା ଗଛକୁ ପୂଜା କରାଯାଇଥାଏ । ଏହା ଏକ ଦେବ ଉପଯୋଗୀ ବୃକ୍ଷ ରୂପେ ପରିଚିତ ।

ଶନିଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଁଳା ବୃକ୍ଷ ମୂଳରେ ଶନିବାର ପୂଜା କରି ତେଲ ଦୀପ ଜଳାଇଲେ ଶନି ଦେବ ସନ୍ତୁଷ୍ଟ ହୋଇ ବର ପ୍ରଦାନ କରିଥାନ୍ତି ।

ଚ୍ୟବନପ୍ରାଶ ତିଆରି କରିବାରେ ଅଁଳା ସବୁଠାରୁ ମୁଖ୍ୟ ସାମଗ୍ରୀ । ଏହା ଦ୍ୱାରା ସର୍ଦ୍ଦି ଥଣ୍ଡା, କାଶ ଆଦି ରୋଗ ହୋଇ ନଥାଏ । ଏହା ରକ୍ତରେ ହିମୋଗ୍ଲୋବିନ ଚଢ଼ାଇ ଥାଏ ଲିଭର, ଫୁସଫୁସ୍ ସୁସ୍ଥ ରଖିବା ସହିତ ରକ୍ତକୁ ସଫା କରିଥାଏ ।

ଅଁଳା ଆଖି ପାଇଁ ଖୁବ୍ ଲାଭଦାୟକ । ଏହା ଦୃଷ୍ଟିଶକ୍ତି ପ୍ରଖର କରିଥାଏ । ଅଁଳା ସେବନ କରିବା ଦ୍ୱାରା ମୋତିଆବିନ୍ଦୁ, ଅନ୍ଧାରକଣା, ଆଖିର ଅନ୍ୟ ରୋଗ ଆଦିରେ ସୁଧାର ଆସିଥାଏ । ଅଁଳା ଓ ମହୁ ସହିତ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ଉତ୍ତମ ହୋଇଥାଏ ଓ ଆଖି ସଂକ୍ରମଣର ଭୟ କମ ରହିଥାଏ ।

ଅଁଳା ବଢୁଥିବା କୋଲେଷ୍ଟ୍ରୋଲ ଲେବଲକୁ କମ କରିଥାଏ ରକ୍ତଚାପ ସାମାନ୍ୟ ରଖିଥାଏ । ଅଁଳା ଡାଇବେଟିଜ ରୋଗୀଙ୍କୁ ବ୍ଲଡ ସୁଗର ଲେବଲ ବାଲାନ୍ସ କରିବା କାମ କରିଥାଏ ।

ନିୟମିତ ରୂପରେ ଅଁଳା ରସ ପିଇବା ଫଳରେ ଶରୀରରେ ସମସ୍ତ ପ୍ରକାର ବିଷାକ୍ତ ତତ୍ତ୍ୱରୁ ମୁକ୍ତି ମିଳିଥାଏ । ଅଁଳା ସେବନ କରିବାରେ ଲାଲ ରକ୍ତ କୋଷିକା ବଢ଼ାଇ ଦେଇଥାଏ । ଅଁଳା ଅସ୍ଥି ମଜଭୁତ କରିଥାଏ ଓ ଅସ୍ଥି ରୋଗର ଆଶଙ୍କାକୁ କମ୍ କରିଥାଏ ।

ଅଁଳା ଜୁସ୍ ପିଇବା ଦ୍ୱାରା କିଡନୀ ଷ୍ଟୋନରୁ ଆରାମ ମିଳିଥାଏ, ଏଥିପାଇଁ ଅଁଳା ଜୁସ୍ ସେବନ କରନ୍ତୁ ।

# ନାମ ସହ କାମର ସମତା ଥିଲା .... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)














ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗରାଜୁ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସ୍ୱର୍ଗତ ଗୁରୁଙ୍କ ଜୟନ୍ତୀ ଉତ୍ସବକୁ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳନ କରାଯିବା ଉଦ୍ଦେଶ୍ୟରେ ସମ୍ବଲପୁରର ନାଗରିକ ସମାଜ ପକ୍ଷରୁ ପ୍ରସ୍ତାବ ଉପସ୍ଥାପିତ କରିବା ପାଇଁ ମତ ରଖିଥିଲେ ।

ସମିତିର ଉପ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଛାତ୍ରଛାତ୍ରୀଙ୍କ ପାଇଁ ନୃସିଂହ ଗୁରୁଙ୍କ ଆଦର୍ଶ ଅତ୍ୟନ୍ତ ଶିକ୍ଷଣୀୟ ବୋଲି ମତବ୍ୟକ୍ତ କରିବା ସହିତ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ପ୍ରସ୍ତାବକୁ ସମର୍ଥନ କରିଥିଲେ ।

**'ନୃସିଂହ ଗୁରୁଙ୍କ ୪୧ତମ ଶ୍ରାଦ୍ଧବାର୍ଷିକୀ'**

ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ପ୍ରାରମ୍ଭିକ ଭାଷଣରେ ସମିତି ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଅନେକ ଜନହିତକର କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ବିନିକାସ୍ଥ ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟର ସଂସ୍କୃତ ଅଧାପକ ହରିଶ୍ଚନ୍ଦ୍ର ହୋତା ବେଦ ପାଠ କରିଥିବା ବେଳେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ସମିତିର ଯୁଗ୍ମ ସମ୍ପାଦକ କାର୍ତ୍ତିକ ବହିଦାରଙ୍କ ସଂଯୋଜନାରେ ୮ଟି ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ୧୧୩ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭା ପରିଚାଳନରେ ରାଜେନ୍ଦ୍ର ସତନାମୀ, ପ୍ରଫୁଲ୍ଲ ଗୁରୁ, ରାଜୀବ ମେହେର ପ୍ରମୁଖ ସହଯୋଗ କରିଥିବା ବେଳେ ପ୍ରାଧାପକ ଡକ୍ଟର ଶ୍ୟାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

ପୂର୍ବାହ୍ଣରେ ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ନିହାଲ ସିଂହ, ସରୋଜ କୁମାର ମହାପାତ୍ର, ସମଲେଶ୍ୱରୀ କଲେଜର ଅଧକ୍ଷା ସଙ୍ଗୀତା ପୁରୋହିତ, ସୋନାଲିସା ପୁରୋହିତ, ଜୟନ୍ତୀ ବାଗ, ଅକ୍ଷୟ କୁମାର ଦାଶ, ଆନନ୍ଦଚନ୍ଦ୍ର ପତି, ଅରୁଣ ବାଗ, ଅଶୋକ କୁମାର ଚାନ୍ଦ, ରାମେଶ୍ୱର ପୁରୋହିତ, ଶ୍ରୀକାନ୍ତ ପାଣ୍ଡେ, ଭୁଷଣ ମେହେର ପ୍ରମୁଖଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁ ପ୍ରମୋଦ ଉଦ୍ୟାନରେ ଥିବା ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

## ଜନ୍ମସ୍ଥାନ ଗୁରୁପାଲିରେ ନୃସିଂହ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀ

ସମ୍ବଲପୁର: ପବିତ୍ର ବକୁଳ ଅମାବାସ୍ୟା ତିଥିରେ 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ବାଦିକ ନୃସିଂହ ଗୁରୁଙ୍କ ୪୧ ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଜନ୍ମସ୍ଥାନ ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମ ଠାରେ ପାଳିତ ହୋଇଯାଇଛି । ଭାରତୀୟ ଖାଦ୍ୟ ନିଗମର ଏକ ନିପଟ ମଫସଲରେ ଜନ୍ମଗ୍ରହଣ କରିଥିବା ନୃସିଂହ ଗୁରୁ ତାଙ୍କର ରଚନାତ୍ମକ କାର୍ଯ୍ୟ ପାଇଁ ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ରୂପେ ପରିଚୟ ସୃଷ୍ଟି କରିଥିଲେ । ଗାନ୍ଧିଜୀଙ୍କ ଜଣେ ପଟ୍ଟଶିଷ୍ୟ ଭାବେ ତାଙ୍କ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଦେଶ ସେବାରେ ବ୍ରତୀ ଥିଲେ । ଉଦ୍ୟାନ ବିଭାଗର



ଅବସରପ୍ରାପ୍ତ ଅଧିକାରୀ ଶ୍ୟାମ ସୁନ୍ଦର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏସସିଇ-ଆରଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସେବକ ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଥିଲେ ଯେ, ସ୍ୱର୍ଗତ ଗୁରୁ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ । ସେ ଛାତ୍ରାବସ୍ଥାରୁ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମ, ସମାଜ ସଂସ୍କାର, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ନିଷ୍ଠା ଓ ସାଧୁତା ସହ କାର୍ଯ୍ୟ କରିଥିଲେ । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କହିଥିଲେ ଯେ, ଗୁରୁପାଲି ଭଳି ଅବସରପ୍ରାପ୍ତ ଅଧିକାରୀ ମୁରଲୀଧର ଦେହୁରୀ ଏଥିରେ ଉଦବୋଧନ ଦେଇ ଗୁରୁପାଲିକୁ ଏକ ବୀର ମାଟି ରୂପେ ଅଭିହିତ କରିଥିଲେ । ଏହି ଅବସରରେ ବ୍ରଜୌଲି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା । ଶେଷରେ ଲକ୍ଷ୍ମଣ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଗ୍ରାମର ବରିଷ୍ଠ ନାଗରିକ ଦେବୀ ପ୍ରସାଦ ମିଶ୍ର, ଗଙ୍ଗାଧର ମିଶ୍ର, ରାହାସ ବିହାରୀ ଦାଶ, ପ୍ରସନ୍ନ ଦାଶ, ବୈଶାଖୁ ବାଙ୍କ, ଉପେନ୍ଦ୍ର ଥାପା, ଶାନ୍ତନୁ ବିଶ୍ୱାଳଙ୍କ ସମେତ ନୃସିଂହ ଗୁରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଯୋଗ ଦେଇଥିଲେ ।

## ଭାଲୁପାଲିରେ ନୃସିଂହ ଗୁରୁଙ୍କ ୪୧ ତମ ଶ୍ରାଦ୍ଧବାର୍ଷିକୀ

ସମ୍ବଲପୁର : ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନୀଳଚକ୍ର' ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ବାଦିକ ନୃସିଂହ ଗୁରୁଙ୍କ ୪୧ତମ ଶ୍ରାଦ୍ଧବାର୍ଷିକୀରେ ଶାସନ ନିକଟସ୍ଥ ଭାଲୁପାଲି ଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଭାପତି ପ୍ରକୃତି ବନ୍ଧୁ ବଂଶୀଧର କରଙ୍କ ଅଧକ୍ଷତା ତଥା ଚତୁର୍ଭୁଜ ଗର୍ଡିଆଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ସମାଜସେବୀ ସୀତାଂଶୁ ଭୂଷଣ ତ୍ରିପାଠୀ ମୁଖ୍ୟ ଅତିଥି ଓ ସମାଜସେବୀ ଡାକ୍ତର ବିନୋଦ ବିହାରୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଗୁରୁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ଶାସନ ଥାନା ଏଏସ୍ଆଇ



ଗଙ୍ଗାଧର ସାହୁ, ହାବିଲଦାର ମେଜର ରମଣୀ ରଞ୍ଜନ ବେହେରା ଯୋଗ ଦେଇଥିଲେ । ଏଥିରେ ଟୁନଟୁନ୍ ରତଓ୍ୱା, ଘନଶ୍ୟାମ ରତଓ୍ୱା, ଗୋପାଳରାମ ଅବତାର ରତଓ୍ୱା, ତପନ କୁମାର ଖୁଣ୍ଟିଆ, ସୁବାସ ଶର୍ମା, ସଂଜୟ କୁମାର ପ୍ରଧାନ, ସୁଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ରବିନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ ।



ଝାରସୁଗୁଡ଼ା 'ଦୁଲଦୁଲି' ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ପରେ ଏହି ଅବସରରେ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra